Bhubaneswar- 13 July 2026
ଭୁବନେଶ୍ୱର- ୧୩ ଜୁଲାଇ ୨୦୨୬
Vol- 1 Issue - 76
ଭାଗ- ୧ ସଂଖ୍ୟା- ୭୬
www.pratishabda.com
Email : pratishabda7@gmail.com
Also Available In : YouTube

ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

ପଦ୍ମ ଧରିଲେ ପ୍ରଭାତ ବିଶ୍ୱାଳ

ଭୁବନେଶ୍ୱର: କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ବିଜେପିରେ ମିଶିଛନ୍ତି। ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରୁ ଏକ ବିଶାଳ ରାଲିରେ ପ୍ରଭାତ ବିଶ୍ୱାଳ ବିଜେପି ରାଜ୍ୟ କାର୍ଯ୍ୟାଳୟରେ

ପହଞ୍ଚିଥିଲେ। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଉପସ୍ଥିତିରେ ସେ ବିଜେପିରେ ଯୋଗ ଦେଇଛନ୍ତି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଗତ କିଛି ମାସ ତଳେ ତାଙ୍କୁ ବିଜେଡିରୁ ବହିଷ୍କାର କରାଯାଇଥିଲା। ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ସମର୍ଥକ ଓ ଦଳୀୟ କର୍ମୀଙ୍କୁ ସାଙ୍ଗରେ ନେଇ ସେ କଟକରୁ ବାହାରିଥିଲେ । ସମସ୍ତ ସମର୍ଥକଙ୍କ ସହିତ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ଏକାଠି ହୋଇଥିଲେ । ସେଠାରୁ ଏକ ବିରାଟ ଶୋଭାଯାତ୍ରା ମାଧ୍ୟମରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ପହଞ୍ଚିଥିଲେ । ରାଜ୍ୟ କାର୍ଯ୍ୟାଳୟରେ ମିଶ୍ରଣ ପର୍ବରେ ସେ ବିଧିବଦ୍ଧ ଭାବେ ବିଜେପିରେ ସାମିଲ୍ ହୋଇଛନ୍ତି। ପ୍ରଭାତ ବିଶ୍ୱାଳ ୩ ଥର ବିଧାୟକ ହୋଇଛନ୍ତି। ୨୦୦୪ ମସିହାରେ କଟକସଦର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏହା ପରେ ୨୦୦୯ ଓ ୨୦୧୪ ମସିହାରେ ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ। ଚିଟଫଣ୍ଡ ମାମଲାରେ ପ୍ରଭାତ ଛନ୍ଦି ହୋଇପଡିଥିଲେ। ଏହି କାରଣରୁ ୨୦୧୯ ନିର୍ବାଚନରେ ପ୍ରଭାତଙ୍କୁ ବିଜେଡିରୁ ଟିକେଟ୍ ମିଳି ନଥିଲା। ପ୍ରଭାତଙ୍କ ପରିବର୍ତ୍ତେ କଟକ-ଚୌଦ୍ୱାର ଆସନରୁ ତାଙ୍କ ପୁଅ ସୌଭିକଙ୍କୁ ବିଜେଡି ଟିକେଟ ଦେଇଥିଲା। ସୌଭିକ ବିଜୟୀ ହୋଇଥିଲେ। ଏପରିକି କିଛି ମାସ ତଳେ ରାଜ୍ୟସଭା ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କୁ ଭୋଟ୍ ଦେବା ନେଇ ସୌଭିକ ବିଶ୍ୱାଳଙ୍କୁ ବିଜେଡି ନିଲମ୍ବିତ କରିଥିଲା।

ଅଦିନିଆ ରଥଯାତ୍ରା ବିବାଦ

ତେଜୁଛି ଇସ୍କନ ବିରୋଧୀ ନିଆଁ

ଗଜପତିଙ୍କୁ କ୍ଷମା ମାଗିଲା ଓଡ଼ିଶା ଇସ୍କନ

ବିଦେଶ ଶାଖା ଉପରେ ଆମର କର୍ତ୍ତୃତ୍ୱ ନାହିଁ : ଇସ୍କନ ଆଞ୍ଚଳିକ ସମ୍ପାଦକ

ଭୁବନେଶ୍ୱର/ପୁରୀ: ବିଧର୍ମୀ ଇସ୍କନକୁ ଆଉ ତ୍ରାହି ନାହିଁ...କୋଟି ଓଡ଼ିଆଙ୍କ ମଉଡ଼ମଣି ଜଗା ପାଇଁ ଜାଗିଉଠିଲେଣି ଜନତା...ହାତରେ ପ୍ଲାକାର୍ଡ...ମୁହଁରେ ଇସ୍କନ ବିରୋଧୀ ନାରା...ଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ଧଜ୍ଜିଆ ଉଡ଼ାଉଥିବା ଇସ୍କନ ବିରୋଧରେ ଗର୍ଜିଲେଣି ସମସ୍ତେ। କାଲି ଭୁବନେଶ୍ୱର ଇସ୍କନ ମନ୍ଦିର ସମ୍ମୁଖରେ ନୀଳଚକ୍ର ସଂଗଠନ ଏବଂ ଆଜି ଓ୍ୱି-ଫର୍ ଭୁବନେଶ୍ୱର ଆନ୍ଦୋଳନ କରିଛି। ଜଗନ୍ନାଥ ସଂସ୍କୃତି ସୁରକ୍ଷା ମଞ୍ଚ ବି ବିଦ୍ରୋହ ଭିତରେ ସାମିଲ ହୋଇ ଆଜି ଧାରଣା ଦେଇଛି। ସମସ୍ତଙ୍କର ଦାବି ଜଗନ୍ନାଥ ସଂସ୍କୃତିର ସୁରକ୍ଷା, ସଂରକ୍ଷଣ ଏବଂ ଶାସ୍ତ୍ରୀୟ ପରମ୍ପରା ଅନୁଯାୟୀ ମହାପ୍ରଭୁଙ୍କ ଘୋଷଯାତ୍ରା ଆୟୋଜନ। କାରଣ ମହାପ୍ରଭୁଙ୍କ ସ୍ନାନଯାତ୍ରାଠୁ ଘୋଷଯାତ୍ରା ଯାଏଁ ତିଥି ବାହାରେ କରିଆସୁଛି ବିଧର୍ମୀ ଇସ୍କନ। ଏସବୁ ଭିତରେ ଗଜପତି ମହାରାଜାଙ୍କ ନିବେଦନକୁ ପ୍ରତ୍ୟାଖାନ କରି ନିଆଁରେ ଘିଅ ଢାଳିଥିବାରୁ ତେଜିଛି ଜନ ଆକ୍ରୋଶ। ସେପଟେ ପୁରୀରେ ଗଜପତିଙ୍କୁ ଅପମାନ କରିଥିବା ଦର୍ଶାଇ ବଡ଼ଦାଣ୍ଡରେ ଇସ୍କନକୁ ଓଡ଼ିଶା ଛାଡ଼ିବାକୁ ନାରା ଦେଇଛନ୍ତି ଯୁବକ। ହାତରେ ଇସ୍କନ ଗୋ ବ୍ୟାକର ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କେବଳ ଏତିକି ନୁହେଁ, ଶରଧାବାଲିରୁ ଇସ୍କନର ବୁକ୍ ଷ୍ଟଲକୁ ବି ବିଦା କରିଦିଆଯାଇଛି। ତେଜୁଥିବା ଇସ୍କନ ବିରୋଧୀ ନିଆଁ ଭିତରେ ବି ବିଦେଶରେ ଛାଡୁନି ରଥଯାତ୍ରା ନିଶା। ଅଗଷ୍ଟ ୨ରେ ଆମେରିକା ଲସ୍ ଆଞ୍ଜେଲସରେ ତିଥି ବାହାରେ ରଥଯାତ୍ରା କରିବାକୁ ଯାଉଛି। ଯାହାକୁ ସୋସିଆଲ୍ ମିଡ଼ିଆରେ ବିରୋଧ ସହ ପୁରୀ ପରମ୍ପରା ଅନୁଯାୟୀ ରଥଯାତ୍ରା କରିବାକୁ ନିବେଦନ କରିଛନ୍ତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ। ତାସହ ଭାରତର ସ୍ଥାନୀୟ କନସୁଲେଟ୍ ଜେନେରାଲଙ୍କୁ ଅଂଶଗ୍ରହଣରୁ ବିରତ ରହିବାକୁ ନିବେଦନ କରିଛନ୍ତି। ପୂର୍ବରୁ କେନିଆରେ ଥିବା ଭାରତୀୟ ଦୂତାବାସ କର୍ତ୍ତୃପକ୍ଷଙ୍କୁ ସମାନ ନିବେଦନ କରିଥିଲେ। ତେଣେ ଖଣ୍ଡପଡ଼ା ରାଜା ସିଦ୍ଧାର୍ଥ ଶେଖର ସିଂ ମର୍ଦ୍ଦରାଜ ମଧ୍ୟ ଅଦିନରେ ରଥଯାତ୍ରାକୁ ବିରୋଧ କରିଛନ୍ତି। ଏଭଳି ଚାପ ଆଉ ବିଦ୍ରୋହ ଭିତରେ ୟୁଟର୍ଣ୍ଣ ନେଇଛି ଭୁବନେଶ୍ୱର ଇସ୍କନ। ଶାଖାର ସଭାପତି କହିଛନ୍ତି, ତିଥି ବାହାରେ ନକରି ଗୋଟିଏ ଦିନରେ ହିଁ ସବୁଠି ରଥଯାତ୍ରା ହେଉ। ଗଜପତି ମହାରାଜା ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା, ସେ ସର୍ବୋଚ୍ଚ ସମ୍ମାନର ଅଧିକାରୀ। ତେଣୁ ଇସ୍କନ ପରିଚାଳନା କମିଟି ରଥଯାତ୍ରା ନିଷ୍ପତ୍ତିର ପୁନର୍ବିଚାର କରୁ। କେନ୍ଦ୍ର ସରକାର ମଧ୍ୟ ହସ୍ତକ୍ଷେପ କରନ୍ତୁ। ଅନ୍ୟପଟେ ବିଭିନ୍ନ ସ୍ଥାନରେ ଅଦିନିଆ ରଥଯାତ୍ରା ଆୟୋଜନକୁ ନେଇ ତୀବ୍ର ବିରୋଧ ପରେ ଶେଷରେ ସ୍ପଷ୍ଟୀକରଣ ରଖିଛି ଇସ୍କନର ଓଡ଼ିଶା ଶାଖା। ଏହି ବିବାଦ ପରିପ୍ରେକ୍ଷୀରେ ଓଡ଼ିଶା ଇସ୍କନ ପକ୍ଷରୁ ଗଜପତି ମହାରାଜାଙ୍କୁ କ୍ଷମା ପ୍ରାର୍ଥନା କରାଯିବା ସହ ଜଗନ୍ନାଥ ପ୍ରେମୀଙ୍କ ଶାନ୍ତିପୂର୍ଣ୍ଣ ବିରୋଧକୁ ମଧ୍ୟ ଗ୍ରହଣ କରାଯାଇଛି। ଇସ୍କନର ଆଞ୍ଚଳିକ ସମ୍ପାଦକ ବନମାଳି ଦାସ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ବିଗତ ୬୦ ବର୍ଷ ଧରି ବିଭିନ୍ନ ସ୍ଥାନରେ ଏଭଳି ଅଦିନିଆ ରଥଯାତ୍ରା ହୋଇଆସୁଥିଲା । ତେବେ ୨୦୧୯ ମସିହାରେ ଗଜପତି ମହାରାଜ ଏହି ପ୍ରସଙ୍ଗ ଉଠାଇବା ପରେ ଓଡ଼ିଶା ଇସ୍କନ ଏହାକୁ ଗୁରୁତ୍ୱର ସହ ନେଇଥିଲା । ନିରନ୍ତର ପ୍ରୟାସ ଓ ଆଲୋଚନା ଫଳରେ ବର୍ତ୍ତମାନ ପୂରା ଦେଶରେ ଗୋଟିଏ ଦିନରେ ରଥଯାତ୍ରା ଅନୁଷ୍ଠିତ ହେଉଛି । କେବଳ ରଥଯାତ୍ରା ନୁହେଁ, ଓଡ଼ିଶା ଇସ୍କନ ଭକ୍ତଙ୍କ ଉଦ୍ୟମ କ୍ରମେ ଦେଶରେ ସ୍ନାନଯାତ୍ରା ମଧ୍ୟ ଏକା ଦିନରେ କରାଯିବା ସମ୍ଭବ ହୋଇପାରିଛି । ଅନ୍ୟପଟେ ବିଶ୍ୱର ବିଭିନ୍ନ ଦେଶରେ ଥିବା ଇସ୍କନ ଶାଖାଗୁଡ଼ିକ ଭିନ୍ନ ଭିନ୍ନ ଦିନରେ ରଥଯାତ୍ରା ଆୟୋଜନ କରୁଥିବା ନେଇ ଓଡ଼ିଶା ଶାଖାର କୌଣସି କର୍ତ୍ତୃତ୍ୱ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ତଥାପି ବହୁ ପ୍ରୟାସ ପରେ ୟୁଏଇ ଇସ୍କନ ଶାଖା ସହମତି ପ୍ରକାଶ କରିଛି ଏବଂ ସେଠାରେ ଆସନ୍ତା ୧୬ ତାରିଖରେ ତିଥି ଅନୁଯାୟୀ ରଥଯାତ୍ରା ଅନୁଷ୍ଠିତ ହେବ । ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ନେଇ ବିଭିନ୍ନ ସଂଗଠନ ପକ୍ଷରୁ ହେଉଥିବା ବିରୋଧକୁ ଇସ୍କନ ଓଡ଼ିଶା ଶାଖା ସମ୍ମାନ ଜଣାଇଛି । ତେବେ ଆଇନକୁ ହାତକୁ ନନେଇ ଶାନ୍ତିପୂର୍ଣ୍ଣ ଭାବେ କରାଯାଉଥିବା ବିରୋଧ ସର୍ବଦା ଗ୍ରହଣୀୟ ବୋଲି ଆଞ୍ଚଳିକ ସମ୍ପାଦକ ଶ୍ରୀ ଦାସ ମତ ରଖିଛନ୍ତି ।

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦିଆଯିବ କଡ଼ା ଜବାବ୍

ଇସ୍କନ ପ୍ରେସ ରିଲିଜକୁ ନେଇ ଗଜପତି ଦିବ୍ୟସିଂହ ଦେବଙ୍କ ପ୍ରତିକ୍ରିୟା । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଲିଖିତ ଭାବେ ଆସନ୍ତା କାଲି ଏହାର କଡ଼ା ଜବାବ୍ ଦିଆଯିବ। ଇସ୍କନ ମୁମ୍ବାଇ ସ୍ଥିତ ଜୁହୁ ଶାଖା ପକ୍ଷରୁ ଦିଆଯାଇଥିବା ପ୍ରେସ ରିଲିଜ୍ ରେ ରହିଥିବା ତଥ୍ୟ ସଂପୂର୍ଣ୍ଣ ମିଥ୍ୟା ଓ ଅପ୍ରାସଙ୍ଗିକ। ଶ୍ରୀନଅରରେ ପୁରୀର ବିଦ୍ୱାନ ଓ ଇସ୍କନ ବିଦ୍ୱାନଙ୍କ ମଧ୍ୟରେ ଆଲୋଚନା ଓ ତର୍କ ହୋଇଥିଲା।ତେବେ ପୁରୀ ବୋଲି ଇସ୍କନ ସଂପୂର୍ଣ୍ଣ ମନଗଢ଼ା ମହାରାଜା କହିଛନ୍ତି। ୧୯୯୧ ରଥଯାତ୍ରା ଆୟୋଜନ ବ୍ୟକ୍ତିଗତ ଭାବେ ଏହା ବନ୍ଦ କରିବା ମାଧ୍ୟମରେ ବାରମ୍ବାର ଜଣାଇଥିଲେ। ଲିଖିତ ଭାବେ ଅନେକଥର ଇସ୍କନ କରାଇଥିଲା। ଏହା ସତ୍ତ୍ୱେ ଇସ୍କନ ଅଦିନିଆ ସ୍ନାନଯାତ୍ରା ଓ ରଥଯାତ୍ରା



ବିଦ୍ୱାନ ତର୍କରେ ହାରି ଯାଇଥିଲେ କାହାଣୀ କହୁଛି ବୋଲି ଗଜପତି ମସିହା ପୂର୍ବରୁ ଇସ୍କନ ଅଦିନିଆ କରିଆସୁଥିଲା। ସେ ଜାଣିବା ପରେ ପାଇଁ ପ୍ରଥମେ ମୌଖିକ ଓ ପରେ ଚିଠି ଶ୍ରୀମନ୍ଦିର ପରିଚାଳନା କମିଟି ମଧ୍ୟ ଜିଭିସିକୁ ଏ ସମ୍ପର୍କରେ ଅବଗତ ବିଶ୍ୱର ବିଭିନ୍ନ ସ୍ଥାନରେ ଅତିଥିରେ ଓ ଆୟୋଜନ କରିଆସୁଛି। ବର୍ତ୍ତମାନ ପ୍ରବାସୀ ଭାରତୀୟଙ୍କ ସହ ଭାରତ ଓ ଓଡ଼ିଶାରେ ବିଭିନ୍ନ ସ୍ଥାନରେ ବିରୋଧ ପରେ ଇସ୍କନ ପ୍ରେସ ରିଲିଜ୍ ମାଧ୍ୟମରେ ଏଭଳି ମିଥ୍ୟା ଓ ବିଭ୍ରାନ୍ତିକର ତଥ୍ୟ ଦେଇଛି। ସେମାନଙ୍କ ପାଖରେ ଆଉ କିଛି ବାଟ ନାହିଁ ବୋଲି କଡା ଶବ୍ଦରେ କହିଛନ୍ତି ଗଜପତି।

ବାଇକକୁ ୪ କିମି ଘୋଷାଡ଼ି ନେଲା

ଦ୍ରୁତଗାମୀ ଟ୍ରକ୍, ବାପ-୨ପୁଅ ମୃତ

ରାଇଘର : ନବରଙ୍ଗପୁରଜିଲ୍ଲା ରାଇଘର ଅଞ୍ଚଳରେ ରବିବାର ଦିନ ଏକ ଅଭାବନୀୟ ଘଟଣା ଘଟିଛି। ବାଇକ୍‌ରେ ଯାଉଥିବା ଏକ ପରିବାର ପ୍ରତି ଦ୍ରୁତଗାମୀ ଟ୍ରକ୍ ଦାଉ ସାଜିଛି। ଭାରୀ ଯାନଟି ବାଇକକୁ ଧକ୍କା ଦେବା ସହିତ ୪ କିଲୋମିଟର ଘୋଷାଡ଼ି ନେଇଛି। ଏହି ଦୁର୍ଘଟଣାରେ ବାପା ଏବଂ ତାଙ୍କର ୨ପୁଅଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବଳରାମ ଗଣ୍ଡ (୩୫) ଏବଂ ତାଙ୍କର ଦୁଇପୁଅ। ସୂଚନା ଅନୁସାରେ ଛତିଶଗଡ଼ ଅନ୍ତର୍ଗତ କର୍ତ୍ତାଭରି ଗ୍ରାମର ବଳରାମ ଗଣ୍ଡ, ତାଙ୍କ ପତ୍ନୀ ଏବଂ ତିନି ପୁଅକୁ ନେଇ ବାଇକ ଯୋଗେ ସନ୍ଧ୍ୟା ୫ଟା ସମୟରେ ଓଡ଼ିଶାରୁ ଘରକୁ ଫେରୁଥିଲେ। ଠିକ ଏହି ସମୟରେ ରାଇଘର-କୁନ୍ଦେଇ ମୁଖ୍ୟରାସ୍ତାର ଦେଓଭରାଣ୍ଡି (ଆଦିବାସୀ) ଠାରେ ଏକ ଟ୍ରକ ପଛପଟେ ଧକ୍କା ଦେବା ସହିତ ଚଢ଼ିଯିବା ଫଳରେ ଘଟଣା ସ୍ଥଳରେ ବଳରାମ ଏବଂ ତାଙ୍କ ଦୁଇ ପୁଅ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ବାବୁଲାଲଙ୍କ ପତ୍ନୀ ଏବଂ ଅନ୍ୟ ଏକ ୭ ବର୍ଷର ପୁଅଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ହାଟଭରଣ୍ଡୀ ମେଡିକାଲ ଏବଂ ପରେ ଉମରକୋଟ ମେଡିକାଲକୁ ସ୍ଥାନ୍ତରିତ କରାଯାଇଛି,। ଘଟଣାସ୍ଥଳରେ ଉତ୍ତେଜନା ଦେଖା ଯିବା ସହିତ । ତିପୂରଣ ଦାବିରେ ସମ୍ପର୍କୀୟ ଏବଂ ଅଂଚଳବାସୀ ରାଇଘର-କୁନ୍ଦେଇ ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତ। ଘଟଣାସ୍ଥଳରେ ରାଇଘର ଏବଂ କୁନ୍ଦେଇ ପୁଲିସ ପହଞ୍ଚି ଟ୍ରକକୁ ଜବତକରିଥିବା ବେଳେ ଟ୍ରକ୍ ଡ୍ରାଇଭର ଫାରାର ହୋଇ ଯାଇଛି ।

ସ୍ୱାମୀର ବର୍ବରକାଣ୍ଡ

ସ୍ତ୍ରୀକୁ କାଠଫାଳିଆରେ ପିଟିପିଟି ମାରିଦେଲା

ନୀଳଗିରି : ସ୍ୱାମୀ ସ୍ତ୍ରୀର ପବିତ୍ର ସମ୍ପର୍କ ବେଳେ ବେଳେ ଏମିତି ଭଙ୍ଗାପଡେ ଯେ ସବୁ ମଧୁର ସମ୍ପର୍କକୁ ଭୁଲିଯାଇ ବେଳେବେଳେ ବର୍ବରତାର କାଣ୍ଡ ଘଟାଇ ବସେ। କଥାରେ କହନ୍ତି କ୍ରୋଧ ବ୍ରହ୍ମ ଚଣ୍ଡାଳ କ୍ରୋଧ ସମୟରେ ଯିଏ ନିଜର କ୍ରୋଧକୁ ନିୟନ୍ତ୍ରଣ କରି ପାରେ ସେ ହିଁ ପ୍ରକୃତ ମଣିଷ। ସାଂସାରିକ ଜୀବନରେ ଦୁଃଖ ସୁଖ ରହିବ, ହେଲେ ଦୁଃଖ ସମୟରେ କାତର ହେବା ଉଚିତ ନୁହେଁ କି ସୁଖ ସମୟରେ ଅଧିକ ଖୁସି ହେବା ଉଚିତ ନୁହେଁ। ସବୁ ପରିସ୍ଥିତିକୁ ନିଜର କରି ଯିଏ ତାଳଦେଇ ଚାଲି ପାରିଲା ସିଏ ସଂସାର ରଥର ପ୍ରକୃତ ସାରଥୀ। ପାରିବାରିକ କଳହରୁ ଜଣେ ମହିଳାଙ୍କୁ ପିଟିପିଟି ନିଜରସ୍ୱାମୀ ହତ୍ୟାକରିବା ଘଟଣା ନୀଳଗିରି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଅଭିଯୋଗପରେ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରାଯାଇଥିବା ବେଳେ ପୋଲିସ୍‌ର ତଦନ୍ତ ଜାରିରହିଛି। ସୂଚନା ମୁତାବକ ନୀଳଗିରି ବ୍ଲକ ଅଯୋଧ୍ୟା ପଞ୍ଚାୟତ ପ୍ରତାପପୁର ଗ୍ରାମର ରବି ସିଂ (୪୨) ଓ ତାଙ୍କ ସ୍ତ୍ରୀ ସୁମତୀ ସିଂ (୩୮)ଙ୍କ ମଧ୍ୟରେ କୈଣସି ବିଷୟକୁ ନେଇ ଶନିବାର ସନ୍ଧ୍ୟା ସମୟରେ କଳହ ହେବାସହ ବଚସା ହୋଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା । ଉତ୍କ୍ଷିପ୍ତ ହୋଇ ରବି ସିଂ ତାଙ୍କର ସ୍ତ୍ରୀ ସୁମତୀ ସିଂଙ୍କ ମୁଣ୍ଡରେ କାଠଫାଳିଆରେ ବାଡେଇ ଦେଇଥିଲା। ଫଳରେ ସୁମତୀଙ୍କ ମୁଣ୍ଡରେ ଗଭୀର ଆଘାତ ହୋଇଥିଲା। ପ୍ରବଳ ରକ୍ତସ୍ରାବହେବାରୁ ଗୁରୁତର ହୋଇଥିଲା ବେଳେ ତୁରନ୍ତ ଏକ ଘରୋଇ ଆମ୍ବୁଲାନ ଯୋଗେ ପ୍ରଥମେ ନୀଳଗିରି ମେଡିକାଲକୁ ଅଣାଯାଇ ଚିକିତ୍ସା କରାଯାଇଥିଲା।

ନାବାଳିକାଙ୍କୁ ଗଣଦୁଷ୍କର୍ମ, ୫ ଅଭିଯୁକ୍ତ ଥାନାରେ ଅଟକ

ସୁନ୍ଦରଗଡ଼ : ସୁନ୍ଦରଗଡ଼ ଜିଲ୍ଲାରେ ପୁଣି ଏକ ଅମାନୁଷିକ କାଣ୍ଡ। ତଳସରା ଥାନା ବନଡେଗା ଫାଣ୍ଡି ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁର୍ବୃତ୍ତମାନେ ଅପହରଣ କରି ନେଇ ଜଙ୍ଗଲରେ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ୭ ଜଣ ଦୁର୍ବୃତ୍ତ ଏ ଜଘନ୍ୟ କାଣ୍ଡ ଘଟାଇଥିବାବେଳେ ପୁଲିସ ୫ ଜଣଙ୍କୁ ଅଟକ ରଖିଥିବା ସୂଚନା ମିଳିଛି। ଏ ଘଟଣା ଜିଲ୍ଲାରେ ଚାଞ୍ଚଲ୍ୟ ଖେଳାଇଦେଇଛି। ଅଭିଯୋଗ ଅନୁସାରେ ଛତିଶଗଡ଼ ଅଞ୍ଚଳର ନାବାଳିକା ବନଡେଗା ଫାଣ୍ଡି ଅଞ୍ଚଳରେ ଥିବା ମାମୁ ଘରକୁ ଆସିଥିଲେ। ଗତକାଲି ରାତିରେ ସେ ପରିଶ୍ରା କରିବାକୁ ଘର ବାହାରକୁ ବାହାରିଥିବାବେଳେ ଦୁଇ ଜଣ ବାଇକରେ ତାଙ୍କୁ ଅପହରଣ କରି ନିକଟସ୍ଥ ଜଙ୍ଗଲକୁ ନେଇ ଯାଇଥିଲେ। ସେଠାରେ ପୂର୍ବରୁ ଜଗିଥିବା ଅନ୍ୟ ୫ ଜଣ ଦୁର୍ବୃତ୍ତ ସମେତ ୭ ଜଣ ଜଣକ ପରେ ଜଣେ ଅମାନୁଷିକ ଭାବେ ଦୁଷ୍କର୍ମ କରି ସେଠାରେ ଛାଡ଼ି ଚାଲି ଯାଇଥିଲେ। କୌଣସିମତେ ନାବାଳିକା ଘରକୁ ଫେରି ଘଟଣା ସମ୍ପର୍କରେ କହିବା ପରେ ଜଣେ ସମାଜସେବୀ ସହାୟତାରେ ପୀଡ଼ିତାଙ୍କ ପରିବାର ଥାନାକୁ ଯାଇ ଏତଲା ଦେଇଥିଲେ। ପୁଲିସ ତୁରନ୍ତ ଏକ ମାମଲା ରୁଜୁ କରି ଚଢ଼ାଉ କରି ୫ ଜଣଙ୍କୁ ଉଠାଇ ନେଇ ଅଟକ ରଖିଥିବା କହାଯାଉଛି। କିନ୍ତୁ ଅଟକ ସମ୍ପର୍କରେ କୌଣସି ଆଧିକାରିକ ସୂଚନା ମିଳିନାହିଁ। ଘଟଣାସ୍ଥଳରେ ଉପଖଣ୍ଡ ପୁଲିସ ଅଧିକାରୀ ନିର୍ମଳ ମହାପାତ୍ର, ତଳସରା ଥାନା ଅଧିକାରୀ ଯଶୋବନ୍ତୀ ବାଗ ଓ ପୁଲିସ ଟିମ ତନାଘନା ଚଲାଇଛନ୍ତି ।

ତିନିଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା

ତିନିରଥ ଘୋଡାର ରଙ୍ଗକାର୍ଯ୍ୟ ଶେଷ

ରଥ ନିର୍ମାଣର ୮୩ ତମ ଦିବସ

କନା ଯୋଡଣି,ଦୁଆରବେଢା,ଚନ୍ଦ୍ରଶାଳୀରେ ଚିକଣ ଫୁଲ ଓ ଜରିଲେସ କାମ ଶେଷ

ପୁରୀ : ଆଷାଢ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଗୁଣ୍ଡିଚା ଯାତ୍ରା । ରତ୍ନବେଦିରୁ ଜନ୍ମବେଦୀକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି । ରଥାରୁଢ ହୋଇ ବଡଦାଣ୍ଡରେ ଘର ଘର ନାଦ କରି ରଥ ଗଡିବ। ଏଥିପାଇଁ ବଡଦାଣ୍ଡ ସ୍ଥିତ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ ରଥଖଳା ଚଳଚଞ୍ଚଳ ହୋଇଉଠିଛି । ରଥ ନିର୍ମାଣକାରୀ ସେବକ ମାନେ ତିନିରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ କରୁଛନ୍ତି । ତିନିଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଏଥିପାଇଁ ଚଳଚଞ୍ଚଳ ଶ୍ରୀକ୍ଷେତ୍ର। ରବିବାର ରଥ ନିର୍ମାଣର ୮୩ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥ ଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଦରଜି ସେବକ ମାନଙ୍କ ଦ୍ୱାରା କନା ଯୋଡଣି, ଦୁଆରବେଢା ଓ ଚନ୍ଦ୍ରଶାଳୀରେ ଚିକଣ ଫୁଲ ଓ ଜରିଲେସ କାମ ଶେଷ ହୋଇଛି । ଚିତ୍ରକାର ସେବକଙ୍କ ଦ୍ୱାରା ତିନିରଥର ଘୋଡାର ରଙ୍ଗକାର୍ଯ୍ୟ ଶେଷ ହୋଇଛି । ଶନିବାର ସୁଦ୍ଧା ତିନିରଥରେ ବ୍ରେକ ପୁଲି ସଂସ୍ଥାପନ କାର୍ଯ୍ୟ ସହ ଚିତ୍ରକାର ସେବକ ମାନେ ରଥ ବାହ୍ୟ ଅଂଶ ଗୁଡିକରେ ଚିତ୍ରି କାର୍ଯ୍ୟ ଏବଂ ଦରଜୀ ସେବକ ମାନଙ୍କ ଦ୍ୱାରା ତିନିରଥର କନା ସିଲେଇ କାର୍ଯ୍ୟ ଜାରୀ ରହିଥିଲା। ତିନିରଥର ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନ ପ୍ରକାରେ ମହାରଣା ସେବକ ଏବଂ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ଭୋଇ ସେବକ ମାନଙ୍କ ସହଯୋଗରେ ତିନି ତିନିରଥକୁ କଳସ, ଓଲଟ ଶୁଆ ଏବଂ ଅଁଳା ଉଠି ରଥପୋଟଳ ଖପୁରୀରେ ସ୍ଥାପନ କରାଯାଇ କଣ୍ଟା ବସିବା କାର୍ଯ୍ୟ ସମ୍ପନ୍ନ ହୋଇଅଛି। ଚିତ୍ରକାର ସେବକ ମାନଙ୍କ ଦ୍ୱାରା ତିନିରଥର ବାହ୍ୟ ଅଂଶ ଗୁଡିକର ରଙ୍ଗ କାର୍ଯ୍ୟ ସହ ଘୋଡ଼ା, ସାରଥୀଙ୍କ ରଙ୍ଗ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।ଦରଜୀ ସେବକ ମାନେ ତିନିରଥ ବତା କାନା କାର୍ଯ୍ୟ ଶେଷ କରି ରଥ ଉପରେ କାନା ପଡ଼ିବା ପାଇଁ କନା ଯୋଡଣି କାର୍ଯ୍ୟ ଶେଷ କରିବା ସହ ତିନିରଥର ଦୁଆର ବେଢା ଏବଂ ଚନ୍ଦ୍ର ଶାଳୀ ରେ ଚିକଣ ଫୁଲ , ଜରୀ ଲେସ୍ ପକା କାର୍ଯ୍ୟ ଶେଷ କରିଛନ୍ତି। ଏଥିସହ ତିନିରଥର ପୋଟଳ କାନା କଟିଙ୍ଗ ପରେ ସେଥିରେ ଚିକଣ ଜରୀ ଲେସ୍ କାର୍ଯ୍ୟ ଜାରୀ ରହିଥିବା ସହ,ତିନିରଥ ସାରଥି ପୋଷାକ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତାକାଲି ତିନିରଥରେ କାନା ପଡ଼ିବା କାର୍ଯ୍ୟ ଆରମ୍ଭ ହେବ ବୋଲି ମୁଖ୍ୟ ଦରଜୀ ସେବକ ସୂଚନା ଦେଇଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳ ଠାରେ ଓଝା କମାର ସେବକ ମାନେ ତିନିରଥରେ କାନାପକା କାର୍ଯ୍ୟ ଏବଂ ଅଣସର ତାଟି କାଟିବା ଏବଂ ଚାର ବାନ୍ଧିବା ପାଇଁ କୋଠ ସୁଆଁସିଆ ସେବକ ମାନଙ୍କ ନିମନ୍ତେ ଛୁରୀ,କଟୁରୀ ଏବଂ ହାତୁଡ଼ି ଇତ୍ୟାଦି ସାଜ ସରଞ୍ଜାମ ନିର୍ମାଣ ଶେଷ କରିଛନ୍ତି। ପାହି ମହାରଣା ମାନେ ଦୋଳବେଦୀ ଠାରେ ରଥ ଯାତ୍ରା ପାଇଁ କାଠ ନିର୍ମିତ ସରଞ୍ଜାମ ଶେଷ ପରେ ରଥ ପ୍ରତିଷ୍ଠା ପାଇଁ ଆବଶ୍ୟକ କାଠ ନିର୍ମିତ ସାମଗ୍ରୀ ନିର୍ମାଣ ଜାରୀ ରଖିଛନ୍ତି। ତିନିରଥ ର ମହାରଣା ସେବକ ୭୭ଜଣ , ଭୋଇ ସେବକ ୭୬ଜଣ , କରତୀ ସେବକ ୪ଜଣ ,ରୂପକାର ସେବକ ୨୧ଜଣ , ଓଝା କମାର ସେବକ ୨୦, ତୁମ୍ବ ବିନ୍ଧ କାରୀଗର ୨ଜଣ, ପାହି ମହାରଣା ୨ଜଣ, ଚିତ୍ରକାର ୪୦ଜଣ ଓ ରଥଖଳା ସହାୟକ ୧ଜଣ ମୋଟ ୨୪୩ ଜଣ ସେବକ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟରେ ନିଷ୍ଠା, ଶ୍ରଦ୍ଧା ଓ ଭକ୍ତିର ସହ ନିମଗ୍ନ ରହିଛନ୍ତି ।

ଦଶମୂଳମୋଦକ ଓ ଚନ୍ଦନ ଲାଗି ପରେ ମହାପ୍ରଭୁ ସଂପୂର୍ଣ୍ଣ ସୁସ୍ଥ

- ଗଜପତିଙ୍କୁ ସୁସ୍ଥତାର ବାର୍ତ୍ତା ଦେଲେ ସେବାୟତ
- ତ୍ରୟୋଦଶୀ ତିଥିରେ ରାଜପ୍ରସାଦ ବିଜେ ନୀତି
- ରଥଯାତ୍ରାକୁ ଶୃଙ୍ଖଳିତଭାବେ ଶେଷ କରିବାକୁ ସେବାୟତଙ୍କ ସହ ଆଲୋଚନା କଲେ ଗଜପତି

ପୁରୀ : ସୁସ୍ଥ ହୋଇଛନ୍ତି ମହାପ୍ରଭୁ । ଅଣସରର ତ୍ରୟୋଦଶୀ ତିଥିରେ ସ୍ୱତନ୍ତ୍ର ରାଜପ୍ରସାଦ ବିଜେ ନୀତି ସହ ଆଦ୍ୟ ସେବକ ଗଜପତି ମହାରାଜାଙ୍କୁ ମହାପ୍ରଭୁଙ୍କ ସୁସ୍ଥତାର ସନ୍ଦେଶ ଦେଇଛନ୍ତି ସେବାୟତ। ଶ୍ରୀଅଙ୍ଗରେ ଲାଗି ପ୍ରସାଦକୁ ଗଜପତିଙ୍କୁ ଅର୍ପଣ କରାଯାଇଛି। ଏଥିସହ ଆସନ୍ତା ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ଶେଷ କରିବା ପାଇଁ ସେବାୟତଙ୍କ ସହ ଆଲୋଚନା କରିଛନ୍ତ ଗଜପତି। ଅଣସରର ଦ୍ୱାଦଶୀ ତିଥି କ୍ଷୟ ପଡ଼ିଥିବାରୁ ଆଜି ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ନୀତି ସରିବା ପରେ ଆରମ୍ଭ ହୋଇଥିଲା ରାଜପ୍ରସାଦ ବିଜେ ନୀତି । ବର୍ଷ ତମାମ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହୋଇଥିବା ଚନ୍ଦନ, ପାଟଡ଼ୋର ସହ ଅଣସର ସମୟରେ ଲାଗି ହୋଇଥିବା ଚନ୍ଦନ, କରାଳକୁ ରୂପା ଥାଳିରେ ଧରି ଶ୍ରୀମନ୍ଦିରରୁ



ବାହାରିଥିଲେ ଦଇତା ଓ ପତି ମହାପାତ୍ର ସେବାୟତ । ଘଣ୍ଟ, ଛତା, କାହାଳୀ ସହ ପଟୁଆରରେ ସେମାନେ ଶ୍ରୀନଅରରେ ପହଞ୍ଚିବା ପରେ ଆଦ୍ୟ ସେବକ ଗଜପତି ମହାରାଜାଙ୍କୁ ଶ୍ରୀଅଙ୍ଗ ଲାଗି ପ୍ରସାଦ ଅର୍ପଣ କରିଥିଲେ । ଏହାପରେ ଶ୍ରୀନଅରରେ ରାଜ ପୁରୋହିତଙ୍କ ଦ୍ୱାରା ଶାଢ଼ୀ ବନ୍ଧା ଯାଇଥିଲା । ପଞ୍ଚମୀ ତିଥିରେ ଫୁଲୁରି ତେଲ, ଷଷ୍ଠୀରୁ ନବମୀ ପର୍ଯ୍ୟନ୍ତ ଓଷ ଲାଗି, ଦଶମୀରେ ଚକାବିଜେ, ଦଶମୂଳମୋଦକ ଓ ଚନ୍ଦନ ଲାଗି ପରେ ମହାପ୍ରଭୁ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି । ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀବିଗ୍ରହଙ୍କ ଅତ୍ୟଧିକ ଜଳରେ ସ୍ନାନ ଯୋଗୁଁ ଜ୍ୱରରେ ପୀଡ଼ିତ ହୋଇ ଅଣସର ଘରେ ରହିଛନ୍ତି । ୧୫ ଦିନ ଧରି ମହାପ୍ରଭୁଙ୍କ ଏହି ଗୁପ୍ତ ସେବାର ପୂଜା ଚାଲିଥାଏ । ତେବେ ସୁସ୍ଥ ହେବା ପରେ ମହାପ୍ରଭୁଙ୍କୁ ଘଣାଲାଗି ଓ ବନକ ଲାଗି କରାଯିବ । ଆସନ୍ତା ୧୪ ତାରିଖରେ ମହାପ୍ରଭୁ ନବଯୌବନ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ । ତ୍ରୟୋଦଶୀ ତିଥିରେ ଶ୍ରୀନଅରରେ ରାଜପ୍ରସାଦ ବିଜେ ସ୍ୱତନ୍ତ୍ର ରୀତିନୀତି ଭାବେ ସଂପାଦିତ ହେବାପରେ ଗଜପତି ମହାରାଜା ସେବାୟତଙ୍କ ସହ ରଥଯାତ୍ରାକୁ ସୁରୁଖୁରୁରେ ସଂପାଦନ ନେଇ ଆଲୋଚନା ମଧ୍ୟ କରିଥିଲେ । ସେହିପରି ମହାପ୍ରଭୁଙ୍କ ସୁସ୍ଥତା ସହ ରଥ ନିର୍ମାଣରେ ସମସ୍ତ ସେବାୟତ ମାନେ ତିନି ରଥର କାର୍ଯ୍ୟ ଶେଷ କରିଛନ୍ତି ।

ସମ୍ପାଦକୀୟ

ନଗଡ଼ାର ନକଲ୍

କିଛିବର୍ଷ ପୂର୍ବେ ଦେଖିବାକୁ ମିଳିଥିଲା ଏକ ନଗ୍ନ ଚିତ୍ର ... ଯାଜପୁର ଜିଲ୍ଲା ନଗଡ଼ାର ବିକଳ ଚିତ୍ର । ଦାରିଦ୍ର୍ୟ ଏବଂ ଅଶିକ୍ଷାର ପଦାଘାତରେ ଜର୍ଜରିତ ନଗଡ଼ାର ଅଧିବାସୀ ମୁଠାଏ ଖାଇବା ପାଇଁ ଯେପରି ସ୍ଥିତି ଭିତରକୁ ଚାଲିଯାଇଥିଲେ, ଯାହା ସେତେବେଳେ.. ମାତ୍ର କିଛିବର୍ଷ ତଳର ଘଟଣା. ଯାହା ପୂରା ଦେଶରେ ଓଡ଼ିଶାର ଚିତ୍ରକୁ ଏକଦମ୍ ଖରାପ୍ କରିଦେଇଥିଲା। କୁହାଯାଏ କି ସମଗ୍ର ବିଶ୍ୱରେ ବି ବଦନାମ ହୋଇଯାଇଥିଲା ଓଡ଼ିଶା, ଯାହା କି ଅତୀତର ଉତ୍କଳ। ଉତ୍କର୍ଷର କଳାକ୍ଷେତ୍ର ଯାହାକୁ ଅତୀତରେ କୁହାଯଉଥିଲା ଉନ୍ନତ ଓଡ଼ିଶା.. ବିକଶିତ ଓଡ଼ିଶା। ଆଜିର ଓଡ଼ିଶା ଏତେ ପଛରେ ..! ତେବେ କେତେ ପଛରେ କେବେ କେବେ ତାହାର ପ୍ରମାଣ ଦିଏ କେ ବି କେ ଭଳି ରାଜ୍ୟର ପଛୁଆ ଅଞ୍ଚଳ। ଯାହାକୁ ନେଇ କେବେ କେବେ ଆରମ୍ଭ ହୋଇଯାଏ ଚର୍ଚ୍ଚା ପୂରା ବିଶ୍ୱ ସ୍ତରରେ। ଭାବିଲେ ଭାରି ଆଶ୍ଚର୍ଯ୍ୟ ଲାଗେ ସତରେ ଯେ ଅତୀତର ସେ ଉତ୍କଳ ଆଜି କେତେ ପଛରେ.. କେତେ ଦୁର୍ବଳ ! ତଥାପି ଆମେ ଏଠାରେ ବିସ୍ମୟ ପ୍ରକାଶ କରୁଛୁ। କାରଣ ଆଜିର ଓଡ଼ିଶାକୁ ବିକଶିତ ସ୍ତରରେ ପହଞ୍ଚାଇବାର ବହୁ ପ୍ରକାର ଉଦ୍ୟମ ଆରମ୍ଭ ହୋଇଯାଇଛି। ରାତି ପାହିଲେ ସରକାର କିନ୍ତୁ ଗୋଟାକ ପରେ ଗୋଟାଏ ଜନହିତକର ଯୋଜନା ପ୍ରଣୟନ କରି ଚାଲିଛନ୍ତି, ଗୋଟାକ ପରେ ଗୋଟାଏ ବିକାଶମୂଳକ ଯୋଜନାର କାର୍ଯ୍ୟକାରିତା ନେଇ ଘୋଷଣା କରି ଚାଲିଛନ୍ତି। ଅଥଚ ଆଜି ବି ରାଜ୍ୟରେ ଏପରି କେତେକ ସ୍ଥାନ ରହିଛି, ଯେଉଁଠାରେ ଏବେ ବି ମଣିଷ ସଙ୍ଘର୍ଷ କରୁଛି ମୁଠାଏ ଖାଇବା ପାଇଁ। ଯେଉଁଠାରେ ଆଜି ବି ମଣିଷ ସଙ୍ଘର୍ଷ କରୁଛି,ଜୀବନରେ ବଞ୍ଚିବାର ରାହା ଖୋଜୁଛି। ସେହିଭଳି ରାଜ୍ୟର ଏକ ଅଞ୍ଚଳ ଥିଲା ନଗଡ଼ା ଯାହାକୁ ନେଇ ଦୁଇ ତିନି ବର୍ଷ ପୂର୍ବେ ଯାଜପୁର କି ଓଡ଼ିଶା ନୁହେଁ, ସାରା ଭାରତରେ ଆରମ୍ଭ ହୋଇଯାଇଥିଲା ଚର୍ଚ୍ଚା। ମଣିଷର ଅତି ଜରୁରୀ ଆବଶ୍ୟକତାର ପରିପୂରଣ ପାଇଁ , ମୁଠାଏ ଖାଦ୍ୟ ପାଇଁ ଯାଜପୁରର ନଗଡ଼ାବାସୀ ସେତେବେଳେ ଯେମିତି କଲବଲ ହେଉଥିଲେ.. ଆଜି ବି ସେମିତି ହେଉଛନ୍ତି ; ଅଥଚ ରାଜ୍ୟ ସରକାର କେବଳ ରାଜଧାନୀକୁ ଚକାଚକ୍ କରିବାରେ ବ୍ୟସ୍ତ। ରାଜ୍ୟ ସରକାର କେବଳ ସହରୀକରଣରେ ବ୍ୟସ୍ତ ରହି ବାହାବା ନେବାରେ ନିଜକୁ ସୀମିତ ରଖୁଛନ୍ତି। ଗ୍ରାମାଞ୍ଚଳର ବିକାଶ ପାଇଁ ସରକାର ଯେ କିଛି କରୁନାହାନ୍ତି, ସେ କଥା ନୁହେଁ। ତେବେ ଚିନ୍ତାର ବିଷୟ ହେଉଛି ରାଜ୍ୟରେ ଏସ୍ ସି ଏସଟି ସମ୍ପ୍ରଦାୟ ହେଉ କିମ୍ବା ଗରିବ ଶ୍ରେଣୀୟ ଜନ ସମାଜ ପାଇଁ ରାଜ୍ୟରେ ସେମାନେ ସବୁବେଳେ ଅବହେଳିତ ବୋଲି ପ୍ରମାଣିତ ହୋଇ ଆସିଛନ୍ତି ଯାହାର ପ୍ରମାଣ ଦେବାର ସେମିତି ଆବାଶ୍ୟକତା ନାହିଁ। ଏହା କେବଳ ଓଡ଼ିଶା ରାଜ୍ୟର ଚିତ୍ର ନୁହେଁ, ସାରା ଭାରତର ଚିତ୍ର ବି କିଛି ସେହିଭଳି । ଆଜି ବି ଭାରତର ଅନେକ ଅଞ୍ଚଳ ସେମିତି ରହିଛି ଯେଉଁଠାରେ ଏବେ ବି ଲୋକ ସଙ୍ଘର୍ଷ କରୁଛନ୍ତି ମୁଠାଏ ଖାଇବା ପାଇଁ, ଟିକିଏ ଭଲରେ ବଞ୍ଚିବା ପାଇଁ। ସେମିତି ଏକ ଅଞ୍ଚଳ ହେଉଛି ନଗଡ଼ା ଯାହା ଏବେ ବି ପୂର୍ବପରି ସେହିପରି ଅବହେଳିତ ଅବସ୍ଥାରେ ରହିଛି ଏବଂ ଆଗକୁ କେବେ ଯେ ପରିବର୍ତ୍ତନ ଆସିବ, ସେ ନେଇ ଏବେ ବି ସନ୍ଦିହାନ ଅବସ୍ଥାରେ ରହିଥିବେ ଖୋଦ୍ ସରକାର। ଅଥଚ ସରକାରଙ୍କ୍ ଉପରେ ସବୁ ପ୍ରକାର ଗୁରୁଦାୟିତ୍ୱ । ଏତେ ଦାୟିତ୍ୱ ଥାଇ ବି ତାକୁ କିନ୍ତୁ ସଠିକ୍ ରୂପେ ସମ୍ପନ୍ନ କରିପାରୁ ନାହାଁନ୍ତି ସରକାର। ଯାହାର ପ୍ରମାଣ ଆଉଏକ ନଗଡ଼ା ସେହି ଯାଜପୁର ଜିଲ୍ଲାରେ ଯାହାର ନାମ ପୁରୁଣା ପାଣି । ସୁକିନ୍ଦା ବିଧାୟକଙ୍କ୍ ଗ୍ରାମଠାରୁ ମାତ୍ର କିଛି କି ମି ଦୂରରେ ଅବସ୍ଥିତ ପୁରୁଣାପାଣିରେ ସମସ୍ୟା ମାଳମାଳ ଅଥଚ ପ୍ରଶାସନିକ ବିଧିବବସ୍ଥା କିନ୍ତୁ ପୂରା ଦୁର୍ବଳ । ଗ୍ରାମର ଘର ସଂଖ୍ୟା ଶହେରୁ ବି କମ୍ ହେବ। ଯାବତୀୟ ସମସ୍ୟାରେ ଭରପୂର। ନା ଅଛି ରୋଜଗାର ନା ଅଛି ଶିକ୍ଷାଦୀକ୍ଷା ନା ଅଛି କିଛି ସାମାଜିକ ବିଧିବ୍ୟବସ୍ଥା। ଆଜି ବି ମୁଠାଏ ଖାଦ୍ୟ ପାଇଁ କିଏ ପରଘରେ ମୂଲ ଲାଗୁଛନ୍ତି ତ ଆଉ କିଏ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି କିମ୍ବା କେବେ ଆଉ କିଛି ଏମିତି ସେମିତି କିଛି କାମଚଳା କାମ କରି ଯାହା ଯେମିତି ଚଳିଯାଉଛନ୍ତି ଯାହାକି ଅଧା ଜୀବନ ଅଥଚ ସରକାର କିନ୍ତୁ ନିଜକୁ ପୂରା ସରକାର କହି ବାହାବା ନେଇ ଚାଲିଛନ୍ତି। ହେଲେ କେତେଦିନ ଏମିତି ବାହବା ନେଇ ପ୍ରହସନ କରୁଥିବେ ସରକାର ?

ବୀର ବହାଦୂର

ଥରେ ଦୁଇ ଯୁବକ ସେମାନେ ଆସିଥିଲେ ଆକବରଙ୍କ ପାଖକୁ କିଛିଟା ନିଯୁକ୍ତି ଆଶା ନେଇ । କୁହାଯାଏ କି ଅଶୋକ୍, ଆକବର ଏବଂ ଆଲେକଜାଣ୍ଡାର। ଇତିହାସର ତିନି ପ୍ରସିଦ୍ଧ ବୀର। ସେହିଭଳି ବୀର ଥିଲେ ଆକବର ଯେ କି ଦିଲ୍ଲୀରୁ ନିଜର ଶାସନ ଚଳାଉଥିଲେ। ଥରେ ଦୁଇ ରାଜପୁତ ଆକବରଙ୍କ ସୈନ୍ୟବାହିନୀରେ ଯୋଗ ଦେବାର ଇଚ୍ଛା ନେଇ ଯେବେ ତାଙ୍କର ଇଚ୍ଛା ଆକବରଙ୍କ୍ ନିକଟରେ ପ୍ରକାଶ କଲେ, ଆକବର ତୁରନ୍ତ ତାଙ୍କୁ ସୈନ୍ୟବାହିନୀରେ ଯୋଗ ଦେବାର ପ୍ରତିଶ୍ରୁତି ଦେଇଥିଲେ। ତେବେ ତା'ପୂର୍ବରୁ ଆକବର କିନ୍ତୁ ସେମାନଙ୍କ ପରୀକ୍ଷା ନେଇଥିଲେ। ସେମାନେ କେତେଦୂର ସାହସୀ, ସେ ବିଷୟରେ ସେମାନେ ଆକବରଙ୍କ ନିକଟରେ ପରୀକ୍ଷା ଦେବାର ସେମିତି କିଛି ଆବଶ୍ୟକ ପଡ଼ିଲା। ଦୁଇ ଭାଇ ନିଜକୁ ରାଜପୁତ ବୋଲି କହି ତାହା ହିଁ ତାଙ୍କରା ସାହସ ବୋଲି କହିବା ପରେ ବି ବାଦଶାହ ଆକବର ତଥାପି ତାଙ୍କର ପରିଚୟ ମାଗନ୍ତେ ରାଜପୁତ ଭ୍ରାତାଦ୍ୱୟ ତୁରନ୍ତ ଉଭୟ ନିଜର ଖଡ଼୍ଗ୍ ବାହାର କରି ପରସ୍ପର ବିରୁଦ୍ଧରେ ତୁରନ୍ତ ଖଡ଼୍ଗ ଉତ୍ତୋଳନ କରି ଆରମ୍ଭ କରିଦେଲେ ଅସୀ ଚାଳନା। ଦେଖୁ ଦେଖୁ ଉଭୟଙ୍କ ମଧ୍ୟରେ ଆରମ୍ଭ ହୋଇଗଲା ଏକ ଖଣ୍ଡ ଯୁଦ୍ଧ। ଯାହାକୁ ଦେଖି ଆକବର ନିଜ ଆଖିକୁ ମଧ ବିଶ୍ୱାସ କରିପାରିଲେ ନାହିଁ । ଏହି ରାଜପୁତ ଭାଇମାନେ ନିଜ ଆଖିକୁ ମଧ ବିଶ୍ୱାସ କରି ପାରିଲେ ନାହିଁ। ଉଭୟ ରାଜପୁତ ଭାଇଦ୍ୱୟଙ୍କୁ ସେ ତ କେବଳ ତାଙ୍କର ସାହସିକତାର ପ୍ରମାଣ ମାଗିଥିଲେ। ହେଲେ ରାଜପୁତ ଭାଇମାନେ କିନ୍ତୁ ପରସ୍ପର ମଧ୍ୟରେ ଏମିତି ଯେ ଭିଡ଼ିଯିବେ, ଏମିତି ତ କେବେ ବି ଭାବିପାରିନଥିଲେ ବାଦଶାହ ଆକବର। ବାଦଶାହ ଆକବର ନିଜେ ବି ତାଜୁବ୍ ହୋଇଗଲେ। ହେଲେ କ'ଣ କରିବେ ଏବଂ କ'ଣ ନ କରିବେ , ସେଥିନେଇ ସେ ବି କିଛି ଭାବିପାରିଲେ ନାହିଁ। କିଛି ସମୟ ପାଇଁ ସେ ବି ବିଚଳିତ ହୋଇପଡ଼ିଲେ। ହଠାତ୍ ସେ ଡାକ ପକାଇଲେ ସେନାପତି ମାନସିଂଙ୍କୁ ଯେ କି ଆକବରଙ୍କ୍ ରାଜ ଦରବାରରେ ବହୁ ପୂର୍ବରୁ ନିଯୁକ୍ତି ପାଇଥିଲେ ଜଣେ ସେନାପତି ଭାବରେ। ତେବେ ରାଜପୁତ ମାନସିଂଙ୍କ୍ ଆସିଲାବେଳକୁ ସାମାନ୍ୟ ବିଳମ୍ବ ହୋଇଯାଇଥିଲା। ତଥାପି ମାନ ସିଂ ଅତି ଧୈର୍ଯ୍ୟର ସହିତ ସେ ଦୁହିଁଙ୍କ୍ ଯୋଗ୍ୟତା ବିଷୟରେ ଅନୁଧ୍ୟାନ କରି ଆକବରଙ୍କ୍ ଆଗରେ ସେମାନଙ୍କ୍ ବୀରତ୍ୱ ବିଷୟରେ ବଖାଣିଥିଲେ ଯାହା ଫଳରେ ତାଙ୍କ୍ ବୀରତ୍ୱରେ ମଧ ବିଶ୍ୱାସ କରିଯାଇଥିଲେ ବାଦଶାହ ଆକବର୍।

ଶବ୍ଦ ବ୍ରହ୍ମ ସୃଷ୍ଟିର ମୂଳ କାରଣ

ଡଃ ଅମୂଲ୍ୟ କୁମାର ପଣ୍ଡା

ମାନବ ସଭ୍ୟତାର ଆରମ୍ଭରୁ ଶବ୍ଦର ଅପାର ମହତ୍ତ୍ୱ ରହିଛି। ଶବ୍ଦ ହେଉଛି ଚିନ୍ତାଧାରାର ପ୍ରକାଶ, ଜ୍ଞାନର ବାହକ ଏବଂ ସମାଜ ସୃଷ୍ଟି ପଛରେ ମୌଳିକ ଶକ୍ତି। ଭାରତୀୟ ଦାର୍ଶନିକ ଚିନ୍ତାଧାରାରେ 'ଶବ୍ଦ ବ୍ରହ୍ମ' ନାମକ ଏକ ଗଭୀର ଧାରଣା ଅଛି। ଏହାର ଅର୍ଥ ହେଉଛି ଶବ୍ଦ ହେଉଛି ପରମ ସତ୍ୟ ଓ ସୃଷ୍ଟିର ମୂଳ କାରଣ। ବେଦ, ଉପନିଷଦ ଏବଂ ପୁରାଣରେ, ଶବ୍ଦକୁ ଦିବ୍ୟ ଶକ୍ତି ଭାବରେ ବର୍ଣ୍ଣନା କରାଯାଇଛି। 'ଓମ୍' ଶବ୍ଦକୁ ସମଗ୍ର ବ୍ରହ୍ମାଣ୍ଡର ମୌଳିକ ଶବ୍ଦ ଭାବରେ ବିବେଚନା କରାଯାଏ। ତେଣୁ ଜୀବନ ସଂହିତା ହେଉଛି ମାନବ ଜୀବନ ପାଇଁ ନୀତି, ଆଦର୍ଶ, ମୂଲ୍ୟବୋଧ ଏବଂ ଆଚରଣର ଏକ ସଂଗ୍ରହ। ଏହା ମଣିଷକୁ ସଠିକ୍ ପଥ ଅନୁସରଣ କରିବାକୁ ଶିଖାଏ। ଜୀବନକୁ ସୁନ୍ଦର, ଶାନ୍ତିପୂର୍ଣ୍ଣ ଏବଂ ସଫଳ କରିବା ପାଇଁ ଜୀବନ ସଂହିତା ଅତ୍ୟାବଶ୍ୟକ। ଶବ୍ଦ ବ୍ରହ୍ମର ଆତ୍ମାକୁ ଜାଗ୍ରତ କରୁଥିବା ବେଳେ ଜୀବନ ସଂହିତା ମଣିଷକୁ ନୈତିକତାର ପଥରେ ମାର୍ଗଦର୍ଶନ କରେ। 'ଶବ୍ଦ' ଅର୍ଥ ଶବ୍ଦ, ଭାଷା ଏବଂ ଅର୍ଥର ପ୍ରକାଶ। 'ବ୍ରହ୍ମ' ଅର୍ଥ ହେଉଛି ପରମ ସତ୍ୟ କିମ୍ବା ସର୍ବଶକ୍ତିମାନ ନୀତି। ତେଣୁ 'ଶବ୍ଦ ବ୍ରହ୍ମ' ଅର୍ଥ ହେଉଛି ସେହି ଶବ୍ଦ ଯେଉଁଠାରୁ ସମସ୍ତ ସୃଷ୍ଟି ଉତ୍ପନ୍ନ ହୋଇଛି। ଭାରତୀୟ ସଂସ୍କୃତିରେ ଶବ୍ଦଗୁଡ଼ିକୁ କେବଳ କୁହାଯାଇ ନାହିଁ ବରଂ ଏକ ଆଧାତ୍ମିକ ଶକ୍ତି ଭାବରେ ବିବେଚନା କରାଯାଏ। ବେଦ କହେ ଯେ ସୃଷ୍ଟି 'ନାଦ' ସହିତ ଆରମ୍ଭ ହୋଇଥିଲା। ଏହି ନାଦ ହେଉଛି ବ୍ରହ୍ମ ଶବ୍ଦ। 'ଓମ୍' ଶବ୍ଦକୁ ଏହି ବ୍ରହ୍ମ ଶବ୍ଦର ପ୍ରତୀକ ଭାବରେ ବିବେଚନା କରାଯାଏ। ଏହି ଶବ୍ଦ ଯୋଗ, ଧ୍ୟାନ ଏବଂ ତପସ୍ୟାରେ ବିଶେଷ ଗୁରୁତ୍ୱ ରଖେ। ଏହା ମନକୁ ଶାନ୍ତ କରେ ଏବଂ ଆତ୍ମାକୁ ପରମ ପୁରୁଷଙ୍କ ସହିତ ସଂଯୋଗ କରେ।

ବେଦ ଶବ୍ଦର ଏକ ଅଦ୍ଭୁତ ସଂଗ୍ରହ। ଧ୍ୟାନ ଏବଂ ତପସ୍ୟା ମାଧ୍ୟମରେ ଋଷିମାନେ ଯେଉଁ ଦିବ୍ୟ ଶବ୍ଦ ଅନୁଭବ କରନ୍ତି ତାହା ପରବର୍ତ୍ତୀ ସମୟରେ ବୈଦିକ ମନ୍ତ୍ର ଭାବରେ ଉଭା ହୋଇଥିଲା। ବେଦ କହେ ଯେ ଶବ୍ଦ ଅନନ୍ତ ଏବଂ ଅବିନାଶୀ। ଉପନିଷଦ 'ନାଦ ବ୍ରହ୍ମ' ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରେ। ନାଦ ଅର୍ଥ ଶବ୍ଦ, ଯାହା ସମଗ୍ର ବ୍ରହ୍ମାଣ୍ଡରେ ବ୍ୟାପି ରହିଛି। ଯେତେବେଳେ ଜଣେ ବ୍ୟକ୍ତି ଧ୍ୟାନ କରେ, ସେ ଏହି ଅନ୍ତର୍ନିହିତ ଶବ୍ଦକୁ ଅନୁଭବ କରିପାରିବ। ଏହି ଶବ୍ଦ ପରମ ସତ୍ୟକୁ ପ୍ରବେଶ ପ୍ରଦାନ କରେ। ଭାରତୀୟ ସଂସ୍କୃତିରେ ଶବ୍ଦକୁ ଏକ ଦିବ୍ୟ ଶକ୍ତି ଭାବରେ ବିବେଚନା କରାଯାଏ। ମନ୍ତ୍ର, ସ୍ତୁତି, ଏବଂ ସ୍ତୋତ୍ର ମାଧ୍ୟମରେ ବ୍ୟକ୍ତି ଆଧାତ୍ମିକ ଶକ୍ତି ଲାଭ କରେ। ଗାୟତ୍ରୀ ମନ୍ତ୍ର ଏବଂ ମହାମୃତ୍ୟୁଞ୍ଜୟ ମନ୍ତ୍ର ଭଳି ମନ୍ତ୍ରର ଶବ୍ଦ ମନକୁ ଶୁଦ୍ଧ କରେ। ପ୍ରାଚୀନ କାଳରେ ଗୁରୁମାନେ ସେମାନଙ୍କ ଶିଷ୍ୟମାନଙ୍କୁ ଶବ୍ଦ ମାଧ୍ୟମରେ ଜ୍ଞାନ ପ୍ରଦାନ କରୁଥିଲେ। ଏହା ପ୍ରମାଣିତ କରେ ଯେ ଶବ୍ଦ ହେଉଛି ଜ୍ଞାନର ମୂଳଦୁଆ। ଧର୍ମ, ସଂସ୍କୃତି ଏବଂ ପରମ୍ପରା ପିଢ଼ି ପରେ ପିଢ଼ି ଶବ୍ଦ ମାଧ୍ୟମରେ ଚାଲିଆସିଛି। ଶବ୍ଦରେ ଅପାର ଶକ୍ତି ଅଛି। ଏକ ମଧୁର ଶବ୍ଦ କାହାର ହୃଦୟ ଜିତିପାରେ ଏବଂ ଏକ କଠୋର ଶବ୍ଦ ସମ୍ପର୍କକୁ ଭାଙ୍ଗିପାରେ। ଶବ୍ଦ ଜଣେ ବ୍ୟକ୍ତିଙ୍କୁ ପ୍ରେରଣା ଦେଇପାରେ କିମ୍ବା ହତାଶା ଆଡ଼କୁ ନେଇଯାଇପାରେ। ସ୍ୱାମୀ ବିବେକାନନ୍ଦ ଏବଂ ଅନ୍ୟାନ୍ୟ ମହାନ ବ୍ୟକ୍ତିମାନେ ସେମାନଙ୍କ ଶବ୍ଦର ଶକ୍ତିରେ ସମାଜକୁ ପରିବର୍ତ୍ତନ କରିଥିଲେ। ସେମାନଙ୍କର ଭାଷଣ ଏବଂ ଶିକ୍ଷା ଲକ୍ଷଲକ୍ଷ ଲୋକଙ୍କୁ ନୂତନ ଜୀବନ ଦେଇଥିଲା। ସଙ୍ଗୀତକୁ ମଧ ନାଦ ବ୍ରହ୍ମ କୁହାଯାଏ। ସଙ୍ଗୀତର ଶବ୍ଦ ମନ ଏବଂ ଆତ୍ମାକୁ ପ୍ରଭାବିତ କରେ। ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତରେ ରାଗ ଏବଂ ତାଳର ବିଶେଷ ଗୁରୁତ୍ୱ ଅଛି। ସଙ୍ଗୀତ ମନକୁ ଶାନ୍ତ କରେ, ଦୁଃଖ ଦୂର କରେ ଏବଂ ଆତ୍ମାକୁ ଈଶ୍ୱରଙ୍କ ସହିତ ଯୋଡେ। ମୀରାବାଇ ଏବଂ ଜୟଦେବଙ୍କ ପରି ସନ୍ଥମାନେ ସଙ୍ଗୀତ ମାଧ୍ୟମରେ ଭକ୍ତିକୁ ପ୍ରୋତ୍ସାହିତ କରିଥିଲେ।

ଜୀବନ ସଂହିତା ହେଉଛି ଜୀବନକୁ ସଠିକ୍ ଭାବରେ ବଞ୍ଚିବା ପାଇଁ ନିୟମ ଏବଂ ନୀତିଗୁଡ଼ିକର ଏକ ପ୍ରକ୍ରିୟା । ଏହା ଜଣେ ବ୍ୟକ୍ତିକୁ ଭଲ ମଣିଷ ହେବା ପାଇଁ ମାର୍ଗଦର୍ଶନ କରେ। ସତ୍ୟ, ଅହିଂସା, କରୁଣା, କଠିନ ପରିଶ୍ରମ, ସମର୍ପଣ, ଶୃଙ୍ଖଳା ଏବଂ ସେବା ଭଳି ମୂଲ୍ୟବୋଧ ଜୀବନ ସଂହିତାର ଅଂଶ। ଜୀବନ ସଂହିତା ପାଳନ କରୁଥିବା ବ୍ୟକ୍ତି ସମାଜରେ ସମ୍ମାନ ପାଏ। ଜୀବନ ସଂହିତା କେବଳ ସଫଳତା ଆଣିଥାଏ ତାହା ନୁହେଁ ବରଂ ମନର ଶାନ୍ତି ମଧ ଆଣିଥାଏ। ଜୀବନ ସଂହିତାର ମୌଳିକ ନୀତିଗୁଡ଼ିକ ହେଉଛି ସତ୍ୟ, ଅହିଂସା, କରୁଣା, ଶୃଙ୍ଖଳା ଏବଂ ସେବା। ସତ୍ୟ ହେଉଛି ଜୀବନର ସର୍ବୋଚ୍ଚ ମୂଲ୍ୟ ଓ ଜଣେ ସତ୍ୟବାଦୀ ବ୍ୟକ୍ତି ସର୍ବଦା ସମ୍ମାନ ଆଦେଶ ଦିଅନ୍ତି। ଅହିଂସା ଅର୍ଥ କାହା ବିରୁଦ୍ଧରେ ହିଂସା ବ୍ୟବହାର ନକରିବା। ଏହା କେବଳ ଶାରୀରିକ ହିଂସା ନୁହେଁ ବରଂ ଚିନ୍ତା ଏବଂ ବାଣୀରେ ହିଂସା ତ୍ୟାଗ କରିବା ମଧ। ଅନ୍ୟମାନଙ୍କର ଯନ୍ତ୍ରଣା ଅନୁଭବ କରିବା ଏବଂ ସେମାନଙ୍କୁ ସାହାଯ୍ୟ କରିବା ହେଉଛି କରୁଣା। ଏହା ମାନବତାର ପ୍ରତୀକ। ଶୃଙ୍ଖଳା ବିନା ଜୀବନ ବିଫଳତା। ସମୟକୁ ମନରେ ରଖି କାମ କରିବା ସଫଳତା ଆଡ଼କୁ ନେଇଯାଏ। ସମାଜ ଏବଂ ଦେଶ ପାଇଁ କାମ କରିବା ଜୀବନର ସର୍ବୋତ୍ତମ କର୍ତ୍ତବ୍ୟ। ଶବ୍ଦ ବ୍ରହ୍ମ ଏବଂ ଜୀବନ ସଂହିତା ପରସ୍ପର ନିର୍ଭରଶୀଳ। ଶବ୍ଦ ମାଧ୍ୟମରେ ଜଣେ ବ୍ୟକ୍ତି ଜୀବନ ସଂହିତା ଶିଖେ। ଧାର୍ମିକ ଗ୍ରନ୍ଥ, ଶିକ୍ଷା, ଭାଷଣ ଏବଂ ସାହିତ୍ୟ ନୈତିକ ମୂଲ୍ୟବୋଧ ଶିଖାଏ। ଯଦି ଶବ୍ଦ ଭଲ, ଜୀବନ ମଧ ଭଲ। ମଧୁର ଶବ୍ଦ ଏବଂ ସତ୍ୟବାଦୀ ଆଚରଣ ଜଣେ ବ୍ୟକ୍ତିକୁ ମହାନ କରିଥାଏ। ଏପରି ଶବ୍ଦ ଜୀବନର ନିୟମର ମୂଳଦୁଆ। ଯଦି ଆମେ ସାହିତ୍ୟରେ ଶବ୍ଦ ବ୍ରହ୍ମ ବିଷୟରେ ଆଲୋଚନା କରିବା ତେବେ ଆମେ ଅନୁଭବ କରିପାରୁଛୁ ଯେ ସାହିତ୍ୟ ହେଉଛି ଶବ୍ଦର ଏକ କଳାତ୍ମକ ରୂପ। କବି, ଲେଖକ ଏବଂ ସାହିତ୍ୟିକମାନେ ଶବ୍ଦ ମାଧ୍ୟମରେ ସମାଜକୁ ଶିକ୍ଷା ଦିଅନ୍ତି। ଓଡ଼ିଆ ସାହିତ୍ୟରେ ସରଳା ଦାସ, ଉପେନ୍ଦ୍ର ଭଞ୍ଜ, ଫକୀରମୋହନ ସେନାପତି ଏବଂ ଗଙ୍ଗାଧର ମେହେରଙ୍କ ଭଳି ମହାନ ସାହିତ୍ୟିକମାନେ ସେମାନଙ୍କ କୃତିରେ ଜୀବନର ନିୟମ ଶିକ୍ଷା ଦେଇଛନ୍ତି। ଆଜିର ଯୁବପିଢ଼ି ଦେଶର ଭବିଷ୍ୟତ। ଯଦି ସେମାନେ ଜୀବନର ନିୟମ ପାଳନ କରନ୍ତି ତେବେ ସମାଜର ଉନ୍ନତି ହେବ। ଯୁବପିଢ଼ି ସତ୍ୟବାଦୀ, ଶୃଙ୍ଖଳିତ ଏବଂ ନୀତିବାଦୀ ହେବା ଉଚିତ। ଶବ୍ଦର ସଠିକ୍ ବ୍ୟବହାର ମାଧ୍ୟମରେ ସେମାନେ ସମାଜରେ ଶାନ୍ତି ଏବଂ ଏକତା ସ୍ଥାପନ କରିପାରିବେ।

ଶିକ୍ଷା କେବଳ ପୁସ୍ତକରୁ ଜ୍ଞାନ ଆହରଣ କରିବା ନୁହେଁ। ଶିକ୍ଷାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଜଣେ ବ୍ୟକ୍ତିକୁ ଭଲ ମଣିଷ କରିବା। ଶିକ୍ଷା ମାଧ୍ୟମରେ ଜୀବନର ନିୟମର ମୂଲ୍ୟବୋଧ ଶିକ୍ଷା ଦିଆଯିବା ଉଚିତ। ଯଦି ସ୍କୁଲ ଏବଂ କଲେଜରେ ନୈତିକ ଶିକ୍ଷା ଦିଆଯାଏ, ତେବେ ଛାତ୍ରମାନେ ସଠିକ୍ ପଥ ଅନୁସରଣ କରିବେ। ଆଧାତ୍ମିକ ଜୀବନରେ ଶବ୍ଦ ବ୍ରହ୍ମର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମନ୍ତ୍ର ଜପ, ଧ୍ୟାନ ଏବଂ ସ୍ତୁତି ଗାନ ଦ୍ୱାରା ଆଧାତ୍ମିକ ଶାନ୍ତି ମିଳିଥାଏ। ଯେତେବେଳେ ଜଣେ ବ୍ୟକ୍ତି ଅନ୍ତରର ସ୍ୱର ଶୁଣିପାରି, ସେତେବେଳେ ସେ ସତ୍ୟକୁ ଅନୁଭବ କରେ ଆଉ ଏହା ହେଉଛି ଆତ୍ମ-ଜ୍ଞାନର ପଥ। ଶବ୍ଦଗୁଡ଼ିକ ମାନବ ସମ୍ପର୍କର ମୂଳଦୁଆ। ଆମେ ଜାଣିଛନ୍ତି ମିଠା ଶବ୍ଦ ସମ୍ପର୍କକୁ ମଜବୁତ କରେ ଆଉ କଟୁ ଶବ୍ଦ ସେଗୁଡ଼ିକୁ ଭାଙ୍ଗିଦିଏ। ପରିବାର, ସମାଜ ଏବଂ ରାଷ୍ଟ୍ରରେ ଶାନ୍ତି ବଜାୟ ରଖିବା ପାଇଁ ଦୟାଳୁ ଶବ୍ଦ କହିବା ଆବଶ୍ୟକ। ଆଜିର ଭୌତିକବାଦୀ ସମାଜରେ ଲୋକମାନେ ନୈତିକ ମୂଲ୍ୟବୋଧକୁ ଭୁଲି ଯାଉଛନ୍ତି। ଲୋଭ, ଘୃଣା, ମିଛ ଏବଂ ସ୍ୱାର୍ଥ ସମାଜରେ ଅଶାନ୍ତି ବୃଦ୍ଧି କରୁଛି। ଏପରି ସମୟରେ ଜୀବନର ମର୍ଯ୍ୟାଦା ଲୋକଙ୍କୁ ସଠିକ୍ ପଥ ଦେଖାଏ। ଏହା ଲୋକଙ୍କୁ ମାନବତା, ପ୍ରେମ ଏବଂ ସେବାର ମୂଲ୍ୟ ଶିଖାଏ। ବ୍ରହ୍ମ ଶବ୍ଦ ଏବଂ ଜୀବନର ମର୍ଯ୍ୟାଦା ମାନବ ଜୀବନର ଦୁଇଟି ଅମୂଲ୍ୟ ସମ୍ପତ୍ତି। ଶବ୍ଦଗୁଡ଼ିକ ଜ୍ଞାନର ଆଲୋକ ଏବଂ ଜୀବନର ମର୍ଯ୍ୟାଦା ସଠିକ୍ ପଥ ଦେଖାଏ। ଶବ୍ଦ ମାଧ୍ୟମରେ ଲୋକମାନେ ଜ୍ଞାନ, ଭକ୍ତି ଏବଂ ନୈତିକତା ଶିଖନ୍ତି। ଆଜିର ସମାଜରେ ଯଦି ଲୋକମାନେ ଶବ୍ଦଗୁଡ଼ିକୁ ସଠିକ୍ ଭାବରେ ବ୍ୟବହାର କରନ୍ତି ଏବଂ ଏକ ନିର୍ଦ୍ଦିଷ୍ଟ ଆଚରଣ ସଂହିତା ପାଳନ କରନ୍ତି ତେବେ ଏ ବିଶ୍ୱ ଏକ ସୁନ୍ଦର, ଶାନ୍ତିପୂର୍ଣ୍ଣ ଏବଂ ମାଧୁର୍ଯ୍ୟମୟ ହୋଇ ଉଠିବ ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ -
୮୨୪୯୫୦୨୭୭୬

ଶିକ୍ଷା ବିନା ବିକାଶ ଅସମ୍ଭବ

ଅଧ୍ୟାପକ ଗୋପବନ୍ଧୁ

ଯେ କୌଣସି ରାଷ୍ଟ୍ରର ବିକାଶ ଶିକ୍ଷାର ବିକାଶ ଉପରେ ନିର୍ଭରଶୀଳ। ଶିକ୍ଷାଦୃଷ୍ଟିରୁ ଗୋଟିଏ ଅନଗ୍ରସର ଦେଶ କ୍ଷୀପ୍ରଭାବେ ଆଗକୁ ବଢ଼ିବା ସମ୍ଭବପର ନୁହେଁ। ଯେଉଁ ଦେଶଗୁଡ଼ିକ ଆଜି ବିକଶିତ ରାଷ୍ଟ୍ରଭାବେ ବିବେଚିତ ହେଉଛନ୍ତି, ଅନୁଧ୍ୟାନରୁ ଉପଲବ୍ଧି କରାଯାଇପାରେ ଯେ ତାଙ୍କ ବିକାଶ ପଛରେ ଶିକ୍ଷାର ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ଭାରତବର୍ଷ ବିକଶିତ ରାଷ୍ଟ୍ରରେ ପରିଣତ ହେବା ପାଇଁ ହେଲେ ତାଙ୍କ ତୁଲ୍ୟ ଆମକୁ ମଧ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦେବାକୁ ହେବ। ଏ ଦିଗରେ ଉଭୟ ସର୍ବଶିକ୍ଷା ଓ ଉଚ୍ଚଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ହେବ। କେବଳ ସ୍ଲୋଗାନ ଆମକୁ ବିଶ୍ୱଗୁରୁ ବନାଇବ ନାହିଁ। ଏଥିପାଇଁ ଆମକୁ ଭିତ୍ତିଭୂମି ତିଆରି କରିବାକୁ ପଡ଼ିବ। ଏଦିଗରେ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ବୌଦ୍ଧିକ ଚେତନାର ବିକାଶ ଘଟାଇବା ସହିତ ଶ୍ରେଷ୍ଠତା ପ୍ରାପ୍ତିର ମାର୍ଗ ଅନ୍ୱେଷଣ ଦିଗରେ ସହାୟକ ହେବ।ଶିକ୍ଷାକୁ ନେଇ ଚୀନରେ ଏକ ସୁନ୍ଦର ଲୋକ କଥନ ରହିଛି। ତାହା ହେଉଛି 'ତୁମେ ଯଦି ଗୋଟିଏ ବର୍ଷରେ ଫଳ ପାଇବାକୁ ଚାହୁଁଛ ତେବେ ଧାନ ଚାଷ କର, ତୁମେ ଯଦି ଗୋଟିଏ ଦଶକରେ ଫଳ ପାଇବାକୁ ଚାହୁଁଛ ତେବେ ଗଛ ଲଗାଅ, ତୁମେ ଯଦି ଜୀବନ ତମାମ ଫଳ ପାଇବାକୁ ଚାହୁଁଛ ତେବେ ପିଲାଙ୍କୁ ପାଠ ପଢାଅ।' ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟ ବିରୋଧି ଆନ୍ଦୋଳନର ଅଦ୍ୱିତୀୟ ନେତା ନେଲସନ ମଣ୍ଡେଲାଙ୍କ ମତରେ 'ଶିକ୍ଷା ହେଉଛି ଏପରି ଶକ୍ତିଶାଳୀ ଅସ୍ତ୍ର ଯାହା ସାହାଯ୍ୟରେ ତୁମେ ସାରା ବିଶ୍ୱକୁ ବଦଳାଇ ଦେଇପାରିବ'। ଦାସତ୍ୱ ପ୍ରଥାର ଉଚ୍ଛେଦ କରିବା ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଯୁକ୍ତରାଷ୍ଟ୍ର ଆମେରିକାର ସୁପ୍ରସିଦ୍ଧ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନଙ୍କ ମତରେ ଗୋଟିଏ ସୁଦୃଢ଼ ଦେଶର ସମସ୍ତ ନାଗରିକ ଏକ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତାର ଅଧିକାରୀ ହେବା ଆବଶ୍ୟକ। ଚୀନରେ ସାମ୍ୟବାଦର ପ୍ରତିଷ୍ଠାତା ମାଓ-ସେ-ତୁଙ୍ଗ କହିଥିଲେ ଦେଶର କୋଟିକୋଟି ଶିଶୁରୂପକ କଢ଼ିକୁ ଶିକ୍ଷା ମାଧ୍ୟମରେ ପ୍ରସ୍ଫୁଟିତ କରାଯାଇ ପାରିବ। ସମ୍ବିଧାନର ପ୍ରଣେତା ଡକ୍ଟର ଆମ୍ବେଦକରଙ୍କ ମତରେ ଶିକ୍ଷା ପୂର୍ଣ୍ଣତା ଦିଏ, ଶିକ୍ଷା ସଚେତନ କରାଏ, ଶିକ୍ଷା ସମତା ଭାବକୁ ଜାଗ୍ରତ କରାଏ, ଶିକ୍ଷା ସଂଘର୍ଷର ବାଟ ବତାଏ। ତେଣୁ ଭାରତବର୍ଷରେ ଉଭୟ ସାମାଜିକ ଓ ଆର୍ଥିକ ବିକାଶପାଇଁ ସର୍ବଶିକ୍ଷା ଓ ଉଚ୍ଚଶିକ୍ଷା ଅତ୍ୟନ୍ତ ଜରୁରୀ। ଶିକ୍ଷାର ବ୍ୟାପକ ପ୍ରସାର ବିନା ଏହା ଅସମ୍ଭବ।

ଏକ ତୁଳନାତ୍ମକ ବିଚାରକଲେ ଶିକ୍ଷାଦୃଷ୍ଟିରୁ ଆମର ବର୍ତ୍ତମାନ ସ୍ଥିତି କଣ ତାହା ସହଜରେ ଜଣା ପଡ଼ିଯିବ। ୨୦୧୧ ମସିହାର ଜନଗଣନା ଅନୁଯାୟୀ ଭରତବର୍ଷରେ ଶିକ୍ଷାର ହାର ହେଉଛି ଶତକଡା ୭୪ ଭାଗ ଓ ଓଡିଶାରେ ହେଉଛି ଏହି ହାରରୁ ସାମାନ୍ୟ କମ୍ ଶତକଡା ୭୨ ଭାଗ। ଏବେ ଏ ହାର ସାମାନ୍ୟ ବୃଦ୍ଧି ପାଇଥିବାର ସୂଚନା ମିଳୁଛି। ଆମ ଦେଶରେ କେରଳ ହେଉଛି ସର୍ବାଧିକ ଶିକ୍ଷିତ ରାଜ୍ୟ, ଯାହାର ଶିକ୍ଷା ହାର ଶତ ପ୍ରତିଶତକୁ ଛୁଇଁଛି। ତା ତଳକୁ ଅଛି ଗୋଆ। ଦୁଃଖର କଥା ଯେ ସ୍ୱାଧୀନତାର ଦୀର୍ଘ ବର୍ଷ ପରେବି ଦେଶରେ ଶତ ପ୍ରତିଶତ ଶିକ୍ଷାହାର ପ୍ରାପ୍ତ ହୋଇପାରି ନାହିଁ। ସଂଖ୍ୟାଧିକ ଅଶିକ୍ଷିତ ଲୋକ ପ୍ରାୟତଃ ଆଦିବାସୀ, ଦଳିତ ଓ ଓବିସି ବର୍ଗରେ ଅଛନ୍ତି। ନାରୀମାନେ ମଧ ତୁଳନାତ୍ମକ ଭାବେ ପଛରେ ଅଛନ୍ତ। ଶିକ୍ଷାଗତ ବିଷମତା ଯୋଗୁଁ ଦେଶରେ ବିଷମ ସମାଜ ତିଆରି ହୋଇଛି। କେଉଁଠି ନା କେଉଁଠି ଶିକ୍ଷା ପ୍ରସାର ଯୋଜନା ଦେଶରେ ବିଫଳ ହୋଇଛି। ଯୋଜନାରେ ତ୍ରୁଟି ରହିଛି କିମ୍ବା ଏହାକୁ କାର୍ଯ୍ୟକାରୀ କରିବାରେ ଆନ୍ତରିକତାର ଅଭାବ ରହିଛି। ଦେଶରେ ଯେଉଁମାନଙ୍କୁ ଶିକ୍ଷିତରେ ଗଣା ହେଉଛି ସେମାନଙ୍କ ମଧ୍ୟରୁ ଅଧିକାଂଶ ଠିକ୍ ଭାବରେ ପଢି ପାରିବେ ନାହିଁ କି ଲେଖି ପାରିବେ ନାହିଁ। ଆମେ ୧୯୪୭ ମସିହାରେ ସ୍ୱାଧୀନ ହେଲୁ। ଆମର ଦୁଇବର୍ଷ ପରେ ଅର୍ଥାତ ୧୯୪୯ ମସିହାରେ ଚୀନରେ ବିପ୍ଳବ ମାଧ୍ୟମରେ କ୍ଷମତାର ପରିବର୍ତ୍ତନ ହେଲା ଓ ସାମ୍ୟବାଦୀ ଶାସନ ପ୍ରତିଷ୍ଠା ହେଲା। ମାତ୍ର ୩୦ ବର୍ଷ ମଧ୍ୟରେ ଚୀନ ନୂତନ ପୀଢ଼ିକୁ ଶତପ୍ରତିଶତ ଶିକ୍ଷିତ କରାଇ ପାରିଥିଲା। ଏବେ ଚୀନର ସାମଗ୍ରିକ ଶିକ୍ଷାହାର ପାଖାପାଖି ଶତପ୍ରତିଶତ। ସେହିପରି କ୍ୟୁବା ଏକ ଛୋଟଦେଶ ଯେଉଁଠାରେ ବିପ୍ଳବୀ ସରକାର ୧୯୭୯ ରେ ସ୍ଥାପିତ ହୋଇଥିଲା। ସେ ଦେଶ ମଧ୍ୟ ଶିକ୍ଷା ଦୃଷ୍ଟିରୁ ଆମଠାରୁ ବହୁ ଆଗରେ। ସେଠାକାର ତତକାଳୀନ ରାଷ୍ଟ୍ରପତି ଫିଡ଼େଲ କାଷ୍ଟ୍ରୋ ଥରେ ଗର୍ବର ସହିତ କହିଥିଲେ ଯେ ମୋ ଦେଶର ସଫେଇ କର୍ମଚାରୀମାନେ ମଧ୍ୟ ସ୍ନାତକୋତ୍ତର। ବିଶ୍ୱର ଅନେକ ଦେଶରେ ଶିକ୍ଷାର ହାର ଶତପ୍ରତିଶତ। କେବେବି ଏମାନଙ୍କ ସହିତ ଆମେ ନିଜକୁ ତୁଳନା କରୁନା। ଆମେ ଅପେକ୍ଷାକୃତ ଦୁର୍ବଳ ରାଷ୍ଟ୍ର ପାକିସ୍ଥାନ, ବାଙ୍ଗଲାଦେଶ, ଶ୍ରୀଲଙ୍କା ପରି ଦେଶ ସହିତ ନିଜକୁ ତୁଳନା କରିଥାଉ। ଯେଉଁ ଦେଶମାନଙ୍କୁ ଆମେ ବିକଶିତ ରାଷ୍ଟ୍ର ବୋଲି କହୁଛୁ ସେ ସମସ୍ତ ଦେଶରେ ଶିକ୍ଷାର ହାର ବହୁ ଉପରେ ରହିଛି। ଆମ ଦେଶରେ ଶିକ୍ଷାର ବିକାଶ ଯେଉଁ ମନ୍ଥର ଗତିରେ ହେଉଛି, ଆମକୁ ସେହି ସ୍ତରରେ ପହଞ୍ଚିବାକୁ ହେଲେ ଆହୁରି ଅନେକ ଦଶନ୍ଧି ଲାଗିଯବ। ବିଶ୍ୱଗୁରୁ ହେବାର ସ୍ୱପ୍ନ କଳ୍ପନାରେ ରହିଯିବ। ଉଚ୍ଚଶିକ୍ଷା କ୍ଷେତ୍ରରେ ମଧ୍ୟ ଆମେ ବହୁ ପଛରେ। ଗ୍ରାଜୁଏସନ ବା ସ୍ନାତକକୁ ସର୍ବନିମ୍ନ ଉଚ୍ଚଶିକ୍ଷା ବୋଲି ଗ୍ରହଣ କଲେ ବିକଶିତ ରାଷ୍ଟ୍ରମାନଙ୍କରେ ଏହା ପାଖାପାଖି ଶତକଡା ୫୦ ଭାଗ। କାନାଡାରେ ଗ୍ରାଜୁଏଟ୍ ମାନଙ୍କ ସଂଖ୍ୟା ସର୍ବାଧିକ ୫୬% ରହିଛି। ପ୍ରତିଦ୍ୱନ୍ଦୀ ଚୀନବି ବହୁ ଆଗରେ ରହିଛି। ସେହି ତୁଳନାରେ ଆମ ଦେଶରେ ଏ ହାର ମାତ୍ର ଶତକଡା ୫ ଭାଗ। ବିକଶିତ ରାଷ୍ଟ୍ରଗୁଡ଼ିକ ଉଚ୍ଚଶିକ୍ଷାର ପ୍ରସାର ଦିଗରେ ଯେଉଁ ଗୁରୁତ୍ୱ ଦିଅନ୍ତି ଆମେ ସେହି ଗୁରୁତ୍ୱ ଦେଉନା। କାରଣ ସେମାନେ ଜାଣିଛନ୍ତି ବିକାଶର ମୂଳଆଧାର ହେଉଛି ଶିକ୍ଷା। କେବଳ ଉଚ୍ଚ ଶିକ୍ଷିତମାନେ ଦେଶକୁ କ୍ଷୀପ୍ରଗତିରେ ଆଗକୁ ନେଇ ପାରିବେ। ଉଚ୍ଚଶିକ୍ଷା ବୌଦ୍ଧିକତାର ବିକାଶ ଘଟାଏ। ଏହା ପ୍ରଗତୀର ମାର୍ଗକୁ ଉନ୍ମୁକ୍ତ କରେ। ସମାଜରୁ ବିଭେଦତା ଦୂରକରେ। ସମାଜକୁ ଐକ୍ୟବଦ୍ଧ କରେ ଓ ଦେଶକୁ ଏକ ଉନ୍ନତ ସ୍ତରକୁ ନେଇଯିବାକୁ ଚେଷ୍ଟା କରେ। ଏକଥାକୁ ବୋଧହୁଏ ଆମ ରାଷ୍ଟ୍ରନୀତିଜ୍ଞମାନେ ଏଯାଏଁ ଉପଲବ୍ଧି କରିନାହାଁନ୍ତି। ତେଣୁ ସ୍ୱାଧୀନତା ପରଠାରୁ ଏହାକୁ ଏତେ ଗୁରୁତ୍ୱର ସହିତ ବିବେଚନା କରାଯାଇ ନାହିଁ। ଏବେତ ଅବସ୍ଥାରେ ଆହୁରି ଅବନତି ଦେଖାଯାଉଛି।

ଆମ ଦେଶରେ ସର୍ବଶିକ୍ଷା ଓ ଉଚ୍ଚଶିକ୍ଷା କେବଳ ପ୍ରଗତିକୁ ତ୍ୱରାନ୍ୱିତ କରିବ ତାହା ନୁହେଁ, ଏହା ସହିତ ବହୁ ପୁରାତନ ସାମାଜିକ ବୈଷ୍ୟମକୁ ଦୂରକରିବା ସହିତ ଅନ୍ଧବିଶ୍ୱାସ ଓ କୁସଂସ୍କାର ଉପରେ ମଧ ଲଗାମ ଲଗାଇବ। ଉଚ୍ଚଶିକ୍ଷା ବ୍ୟକ୍ତିତ୍ୱ ବିକାଶର ଅମୋଘ ଅସ୍ତ୍ର। ସମାଜରେ ଦେଖାଦେଉଥିବା ଜାତିଗତ ଭେଦଭାବ ଓ ଧାର୍ମିକ ବିଭେଦ ଅନେକାଂଶରେ ଉଚ୍ଚଶିକ୍ଷାର ପ୍ରସାର ମାଧ୍ୟମରେ ରୋକାଯାଇ ପାରିବ। ଉଚ୍ଚଶିକ୍ଷିତମାନେ ସମାଜରେ ନିଜ ପରିଚୟ ତିଆରି କରିବାକୁ ଚେଷ୍ଟା କରନ୍ତି। ଏହା ତାଙ୍କୁ ବିକଶିତ ହେବାକୁ ପ୍ରେରିତ କରେ। ଅନେକ ବ୍ୟକ୍ତିଙ୍କ ଏତାଦୃଶ୍ୟ ପ୍ରୟାସ ରାଷ୍ଟ୍ରକୁ ଆଗେଇ ନେବାରେ ସହାୟକ ହୁଏ। ଶିକ୍ଷା ମନୁଷ୍ୟର ବିଚାରଶୀଳତାକୁ ବିକଶିତ କରାଏ। ଅନ୍ୟ ପକ୍ଷରେ ଅଶିକ୍ଷିତଙ୍କ ମଧ୍ୟରେ ଅନ୍ଧଭକ୍ତଙ୍କ ସଂଖ୍ୟା ବୃଦ୍ଧିପାଏ, ଯେଉଁମାନେ ରାଷ୍ଟ୍ରକୁ ରସାତଳକୁ ନେଇଯିବାର କାମ କରନ୍ତି। ରାଜନୈତିକ ଦଳ ଓ ବ୍ୟକ୍ତିମାନେ ଏମାନଙ୍କୁ ସହଜରେ ବ୍ୟବହାର କରିପାରନ୍ତି। ଭିଡତନ୍ତ୍ରର ସୃଷ୍ଟିପାଇଁ ଜାଣିଶୁଣି ଲୋକଙ୍କୁ ଅଶିକ୍ଷିତ ରଖିବାର ପ୍ରୟାସ ହୁଏ। ବିଗତ ବର୍ଷମାନଙ୍କରେ ଏ ଅବସ୍ଥା ଦେଖିବାକୁ ମିଳୁଛି। ଉଚ୍ଚଶିକ୍ଷାନୁଷ୍ଠାନମାନଙ୍କୁ ରାଜନୈତିକ ଆଖଡାରେ ପରିଣତ କରାଯାଉଛି। ଏଗୁଡ଼ିକୁ ଧ୍ୱଂସ କରିବାର ପ୍ରୟାସ ହେଉଛି। ଶିକ୍ଷାର ଘୋରଇକରଣ ପରିସ୍ଥିତିକୁ ଆହୁରି ଜଟିଳ କରୁଛି।

ବିକଶିତ ରାଷ୍ଟ୍ରମାନଙ୍କରେ ଶିକ୍ଷା ବଜେଟ୍ ପ୍ରାୟତଃ ଆମ ଦୁଇଗୁଣ। ଆମ ଦେଶରେ ଶିକ୍ଷା ବଜେଟ୍ ଜିଡ଼ିପିର ଶତକଡ଼ା ତିନି ଭାଗରୁ ସାମାନ୍ୟ ଅଧିକ। ଆମ ପ୍ରତିଦ୍ୱନ୍ଦୀ ଚୀନର ଶିକ୍ଷା ବଜେଟ୍ ପାଖାପାଖି ୧୦%। ଏପରି ପରିସ୍ଥିତିରେ ଆମେ ବିଶ୍ୱଗୁରୁ ହେବା କିପରି ? ତେଣୁକରି ଆମ ଦେଶରେ ଶିକ୍ଷା ବଜେଟ୍ ଜିଡ଼ିପିର ଅନ୍ୟୁନ ୧୦% ହେବା ଉଚିତ୍। ଚାଲିଥିବା ସର୍ବଶିକ୍ଷା ଅଭିଯାନକୁ ଆହୁରି ବ୍ୟାପକ କରିବାକୁ ପଡିବ। ଆଗାମୀ ଏକ ଦଶକ ମଧ୍ୟରେ ଦେଶର ସମସ୍ତ ନାଗରୀକଙ୍କୁ ଶିକ୍ଷିତ କରିବାର ଯୋଜନା ତିଆରି କରିବାକୁ ପଡିବ। ଏତତ୍ ବ୍ୟତୀତ ଆମକୁ ଉଚ୍ଚଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ହେବ। ଆଗାମୀ ଦୁଇ ଦଶକ ମଧ୍ୟରେ ଅନ୍ୟୁନ ୫୦% ଲୋକଙ୍କୁ ସର୍ବନିମ୍ନ ଗ୍ରାଜୁଏଟ ବନାଇବାର ଯୋଜନା ପ୍ରସ୍ତୁତ କରିବାକୁ ପଡିବ। ସର୍ବଶିକ୍ଷା ଓ ଉଚ୍ଚଶିକ୍ଷାର ଏ ଲକ୍ଷ ହାସଲ ପାଇଁ ସମସ୍ତଙ୍କ ସହଭାଗୀତା ଓ ସଂକଳ୍ପ ଅତ୍ୟନ୍ତ

ଦର୍ଶନ ବିଭାଗ (ଅବସରପ୍ରାପ୍ତ)
ବାରିପଦା, ମୟୂରଭଞ୍ଜ, ମୋ.
୭୦୦୮୯୭୬୧୮୦

ହୃଦୟ ବିଦାରକ ଘଟଣା

ପ୍ରେମ ବିବାହ ପାଇଁ ପରିବାର ଲୋକେ କଲେନି ଶବସତ୍କାର

ବଲାଙ୍ଗୀର,୧୨।୭ : ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ନିର୍ବାଚନ ମଣ୍ଡଳୀ ଯୁଗିମୁଣ୍ଡା ପଂଚାୟତ ନେହେନାବନ୍ଧ ଗ୍ରାମ ବିମଳା ଛତ୍ରିଆ ରାୟଗଡା ରାହୁଲ ଛତ୍ରିଆଙ୍କୁ ପ୍ରେମ ବିବାହ କରିଥିଲେ। ରାହୁଲ ଓ ବିମଳା ଛତ୍ରିଆ ନେହେନାବନ୍ଧ ରେ ଅନ୍ୟତ୍ର ଜାଗା କିଣି ରହୁଥିଲେ। ଏହାରି ମଧ୍ୟରେ ବିମଳା ଚାରି ମାସର ଗର୍ଭବତୀ ଥିବାବେଳେ ଗର୍ଭପାତ

ସ୍ୱେଚ୍ଛାସେବୀ କଲେ ଶବସତ୍କାର

ହୋଇଥିବାରୁ ପାଟଣାଗଡ଼ ହସ୍ପିଟାଲ ପରେ ବଲାଙ୍ଗୀର ଭୀମଭୋଇ ହସ୍ପିଟାଲକୁ ସ୍ଥାନତାରିତ କରାଯାଇଥିଲ। ଚିକିତ୍ସାଧୀନ ଅବସ୍ଥାରେ ବିମଳାଙ୍କ ମୃତ୍ୟୁ ହୋଇଥିଲା, ସବୁଠାରୁ ଦୁଃଖର ବିଷୟ ହେଲା ଦୀର୍ଘ ୧୨ ଘଣ୍ଟା ଶବ ପଡି ରହିଥିଲେ ମଧ୍ୟ ଉଭୟ ପରିବାର ରୁ କେହିଁ ଆସିନଥିଲେ। ଖବର ପାଇ ସ୍ଥାନୀୟ ଚାଷୀ ନେତା ଯତି ପଧାନ, ରମେଶ ବାଗ, ପ୍ରକାଶ ଅଗ୍ରୱାଲ, ଗୋବିନ୍ଦ ଥପା, କୁନ୍ତର ରଣା, ଶ୍ୟାମ ସା ପହଂଚି ସମ୍ମାନ ସହିତ ଶବ ସତ୍କାର କରିଥିଲେ, ମାନବିକ ଓ ସଚେତନ ର ବାର୍ତ୍ତା ଦେଇଥିଲେ। ଏହିପରି ମହାନ କାର୍ଯ୍ୟ ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ମହଲ ରେ ପ୍ରଶଂସା କରୁଛନ୍ତି ।

ଉନ୍ମୋଚିତ ହେଲା ରାମକୃଷ୍ଣ ଡାକୁଆଙ୍କ ପୁସ୍ତକ 'କିଛି କହିବାର ଥିଲା'

ବ୍ରହ୍ମପୁର,୧୨।୭ : ବ୍ରହ୍ମପୁରର ପ୍ରେମନଗରସ୍ଥିତ ଷ୍ଟୋରୀଲାଇନ୍ କାଫେରେ ଆୟୋଜିତ 'ମେଲୋଡିଜ୍ ଅଫ୍ ବ୍ରହ୍ମପୁର' ଓପେନ୍ ମାଇକ୍ (ମୁକ୍ତ ମଞ୍ଚ) କାର୍ଯ୍ୟକ୍ରମ ଅବସରରେ ସାମ୍ବାଦିକ ତଥା ଲେଖକ ରାମକୃଷ୍ଣ ଡାକୁଆଙ୍କ ନୂତନ ପୁସ୍ତକ 'କିଛି କହିବାର ଥିଲା' ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଛି। ଏହି ପୁସ୍ତକକୁ ବରିଷ୍ଠ ସାମ୍ବାଦିକ ସନତ ପଣ୍ଡା, ବରିଷ୍ଠ ସାମ୍ବାଦିକ ଆଶୀର୍ବାଦ ରାଉତ, ବିଶିଷ୍ଟ ଲେଖକ ଶିବ ଶଙ୍କର, ଆଇଟି ପେସାଦାର ସାସ୍ୱତୀ ଶୁଭ୍ରା ଦାସ , ପୁସ୍ତକ ସମୀକ୍ଷକ ଶିବାନୀ ଲେଙ୍କା ଏବଂ ଅଭିଳାଷା ମୁକ୍ତ ମଞ୍ଚର ପ୍ରତିଷ୍ଠାତ୍ରୀ ଅଭିଲିପ୍ସା ପାଢ଼ୀଙ୍କ ଉପସ୍ଥିତିରେ ଉନ୍ମୋଚନ କରାଯାଇଥିଲା। ଅତିଥିମାନେ ପୁସ୍ତକର ସୃଜନଶୀଳତା, ଭାଷା ଓ ବିଷୟବସ୍ତୁକୁ ପ୍ରଶଂସା କରିବା ସହ ଲେଖକ ରାମକୃଷ୍ଣ ଡାକୁଆଙ୍କ ସାହିତ୍ୟ ସାଧନାର ଉଚ୍ଚ ପ୍ରଶଂସା କରିଥିଲେ। ଯୁବପିଢ଼ିକୁ ଓଡ଼ିଆ ସାହିତ୍ୟ ସହ ଯୋଡ଼ିବାରେ ଏଭଳି ଆୟୋଜନ ଗୁରୁତ୍ୱପୂର୍ଣ୍ଣ ବୋଲି ସେମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସାହିତ୍ୟପ୍ରେମୀ, ପାଠକ, ସାମ୍ବାଦିକ, କବି ଓ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ଲେଖକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପୁସ୍ତକ ଉନ୍ମୋଚନ ସହିତ ଏହାର ବିକ୍ରୟ ମଧ୍ୟ ଆରମ୍ଭ ହୋଇଥିଲା। ଏହି ସାହିତ୍ୟିକ ସମାରୋହ ବ୍ରହ୍ମପୁରର ସାଂସ୍କୃତିକ ପରିବେଶକୁ ଆହୁରି ସମୃଦ୍ଧ କରିଥିବାବେଳେ, ଉପସ୍ଥିତ ସମସ୍ତଙ୍କ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ ପାଲଟିଥିଲା। କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ବିଦ୍ୟୁତ୍ ପ୍ରଭା ସାହୁ।

ଜାତୀୟସ୍ତରର ସ୍କେଟିଂ ପଦକ ବିଜେତାଙ୍କୁ ସାଂସଦଙ୍କ ଶୁଭେଚ୍ଛା

ବ୍ରହ୍ମପୁର,୧୨।୭ : ଜାତୀୟସ୍ତରର ଦୁଇ ପଦକ ବିଜେତା ସ୍କେଟର ନିଶାନ ମଲାଣା ଓ ଦିବ୍ୟାଂଶ ଦେବ ଜେନା ସମ୍ପ୍ରତି ମାନ୍ୟବର ବ୍ରହ୍ମପୁର ସାଂସଦ ଶ୍ରୀ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ସାଂସଦ ମହୋଦୟ ଉଭୟ ଖେଳାଳିଙ୍କୁ ଜାତୀୟ ସ୍ତରରେ ସଫଳତା ପାଇଁ ଶୁଭେଚ୍ଛା ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଥିଲେ। ଏହି ସାକ୍ଷାତକାର ସମୟରେ ତାଙ୍କର ଆଇନ ପରାମର୍ଶଦାତା ଶ୍ରୀ ଅସିତ୍ ଶତପଥୀ ମଧ୍ୟ ଉପସ୍ଥିତ ଥିଲେ। ବୈଠକରେ ବ୍ରହ୍ମପୁର ସ୍କେଟିଂ ଏକାଡେମୀର ଗଞ୍ଜାମ ଓ ଗଜପତି ଶାଖାର ବିକାଶ, ଆଗାମୀ କାର୍ଯ୍ୟକ୍ରମର ରୂପରେଖା ଏବଂ ସ୍କେଟିଂ ସହ ବିଭିନ୍ନ କ୍ରୀଡ଼ାର ବିକାଶ ପାଇଁ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଆମ ଅଞ୍ଚଳରେ ସ୍କେଟିଂ ଓ କ୍ରୀଡ଼ାର ପ୍ରସାର ଏବଂ ବିକାଶ ପ୍ରତି ମାନ୍ୟବର ସାଂସଦଙ୍କ ଆନ୍ତରିକ ଆଗ୍ରହ, ମୂଲ୍ୟବାନ ସମୟ, ପ୍ରେରଣା ଓ ନିରନ୍ତର ସହଯୋଗ ପାଇଁ ବ୍ରହ୍ମପୁର ସ୍କେଟିଂ ଏକାଡେମୀ ପକ୍ଷରୁ କୋଚ୍ ବିଭୂତି ଭୂଷଣ ଜେନା ହୃଦୟରୁ କୃତଜ୍ଞତା ଜଣାଇଥିଲେ।

୧୭ରେ ପାଳନ ହେବ ଜନନାୟକ ମୁରଲୀଧର ରଥଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ତିର୍ତ୍ତୋଲ ମାଟିର ଏକ ଅନନ୍ୟ ସମାଜସେବୀ ତଥା ବିକାଶର ପୁରୋଧା

ଭୁବନେଶ୍ୱର,୧୨।୭ : ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ମୁଦୁପୁର ପଂଚାୟତ ଚାନ୍ଦପୁର ଗ୍ରାମର ପୂର୍ବତନ ସରପଂଚ ତଥା ବ୍ଲକ୍ ଉପାଧ୍ୟକ୍ଷ ସ୍ୱର୍ଗତ ମୁରଲୀଧର ରଥଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଆସନ୍ତା ଜୁଲାଇ ୧୭ ତାରିଖ ରବିବାର ଦିନ ସ୍ୱର୍ଗତ ରଥଙ୍କ ଜନ୍ମମାଟି ଶ୍ରୀରାମ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ହେବ ଏବଂ ଏଥି ସହ ସ୍ୱର୍ଗତ ରଥଙ୍କ ପୁସ୍ତକ ଉନ୍ମୋଚନ ହେବା ସହ ପ୍ରତିମୂର୍ତ୍ତି ଅନାବରଣ କରାଯିବ । ଏହି ଅବସରରେ ଉଦ୍‌ଘାଟକ ଭାବେ ପ୍ରାକ୍ତନ ନ୍ୟାୟାଧୀଶ ନ୍ୟାୟମୂର୍ତ୍ତି ବିମଳ ପ୍ରସାଦ ଦାସ, ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ସନ୍ତୋଷ ତ୍ରିପାଠୀ,ସମ୍ମାନୀୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ରବିନ୍ଦ୍ରନାଥ ମହାନ୍ତି, ବିଶିଷ୍ଟ ସମାଜସେବୀ ଓ ସାହିତ୍ୟିକ ଡ. ଗୋବିନ୍ଦ ଭୂୟାଁ, ମୂରଲୀଧର ରଥ ଦାତବ୍ୟ ସେବା ପରିଷଦ ସଭାପତି ମହେନ୍ଦ୍ର କୁମାର ଆଚାର୍ଯ୍ୟ, ମୂରଲୀଧର ରଥ ଦାତବ୍ୟ ସେବା

ପରିଷଦ ସମ୍ପାଦକ ବୀରନାରାୟଣ ପାତ୍ର ପ୍ରମୁଖ ଯୋଗ ଦେବେ। ଜଣେ ସଫଳ ବ୍ୟବସାୟୀ ଭାବରେ କ୍ୟାରିୟର ଆରମ୍ଭ କରିଥିବା ସ୍ୱର୍ଗତ ରଥ ପଟିଲୋ। ପଂଚାୟତରୁ ଲଗାତାର ୪ଥର ସରପଂଚ ଏବଂ ତିର୍ତ୍ତୋଲ ବ୍ଲକ୍‌ର ଉପାଧ୍ୟକ୍ଷ ସହ କଟକ ଜିଲ୍ଲା ସରପଞ୍ଚ ମହାସଂଘର ସଭାପତି ରହିବା ସହ ଦୀର୍ଘ ଦିନ ଧରି ରାଜନୀତି ଓ ସମାଜସେବା କରି ସମଗ୍ର ଜିଲ୍ଲାରେ ତାଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ । ଚାନ୍ଦପୁର ଗ୍ରାମରେ ପୋଷ୍ଟ ଅଫିସ୍, ପଶୁ ଚିକିତ୍ସାଳୟ, ପୋଲିସ ଫାଣ୍ଡି, ଅଙ୍ଗନବାଡ଼ି କେନ୍ଦ୍ର, ଗ୍ରାମ୍ୟ ଶ୍ମଶାନର ଉନ୍ନତିକରଣ, ଅତିଥି ଭବନ ଏବଂ ଏକ ରାଷ୍ଟ୍ରାୟତ ବ୍ୟାଙ୍କର ଶାଖା ପ୍ରତିଷ୍ଠା କରିବାରେ ସ୍ୱର୍ଗତ ରଥ ଉଲ୍ଲେଖନୀୟ ଅବଦାନ ରଖିଥିଲେ। ଜଣେ ଆଧ୍ୟାତ୍ମିକବାଦୀ ଭାବେ ସ୍ୱର୍ଗତ ରଥ ଚାନ୍ଦପୁର ଗ୍ରାମରେ ଶ୍ରୀରାମ ମନ୍ଦିର ସଂଲଗ୍ନ ଏକ ବିଶାଳ 'ଯଜ୍ଞ ମଣ୍ଡପ' ସ୍ଥାପନ,ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଚନ୍ଦ୍ରଶେଖରଙ୍କ ପୁରାତନ ମନ୍ଦିରର ସଂସ୍କାର ଏବଂ ଏକ ଭବ୍ୟ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ସହ ମସଜିଦ୍ ଗୁଡ଼ିକର ଉନ୍ନତିକରଣ ପାଇଁ ମଧ୍ୟ ସହଯୋଗର ହାତ ବଢ଼ାଇଥିଲେ । ସ୍ୱର୍ଗତ ରଥଙ୍କ ନିସ୍ୱାର୍ଥପର ସେବା ପାଇଁ ସ୍ୱର୍ଗତ ରଥ ଓଡ଼ିଶାର ବହୁ ସୁପ୍ରତିଷ୍ଠିତ ସାମାଜିକ ତଥା ଧାର୍ମିକ ଅନୁଷ୍ଠାନ ତରଫରୁ ସେ ମର୍ଯ୍ୟାଦାଜନକ 'ସମାଜ ସେବା ସମ୍ମାନ'ରେ ସମ୍ମାନିତ ହୋଇଛନ୍ତି । ଏହା ବ୍ୟତୀତ ନିଜର ମୃତ୍ୟୁ ପୂର୍ବରୁ ଦିଲ୍ଲୀର ଏକ ସମ୍ମାନଜନକ ମଞ୍ଚରେ ତାଙ୍କୁ ' ଗ୍ଲୋରୀ ଅଫ୍ ଇଣ୍ଡିଆ – ୨୦୨୫ ' ପୁରସ୍କାର ପ୍ରଦାନ କରାଯାଇଥିଲା , ଯାହା ତାଙ୍କର ଜନସେବା ପ୍ରତି ଥିବା ନିଷ୍ଠାର ପ୍ରମାଣ ଦିଏ । ତେଣୁ ନିଜ ଅଂଚଳର ବିକାଶ ସହ ଜଗତସିଂହପୁର ଜିଲ୍ଲା ପାଇଁ ଗୌରବ ଆଣିଥିବାରୁ ତାଙ୍କର ସମ୍ମାନାର୍ଥେ ତାଙ୍କର ପୈତୃକ ବାସଭବନରେ ଶ୍ରଦ୍ଧାଞ୍ଜଳୀ ସ୍ୱରୂପ ଏକ ସ୍ମୃତି ଚାରଣ ସଭା ମହା ସମାରୋହରେ ଅନୁଷ୍ଠିତ ହେବ । ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏକ ଘରୋଇ ହୋଟେଲଠାରେ ଏହି ସାମ୍ବାଦିକ ସମ୍ମିଳନୀରେ ସ୍ୱର୍ଗତ ମୁରଲିଧର ସ୍ମୃତି କମିଟି ସଂଯୋଜକ ପ୍ରମୋଦ ସାମନ୍ତରାୟ, ସ୍ୱର୍ଗତ ରଥଙ୍କ ପୁଅ ଶରତ କୁମାର ରଥ, ଜୀବନୀ ଲେଖକ ଜ୍ଞାନ ରଞ୍ଜନ ମହାନ୍ତି, ବରିଷ୍ଠ ସାମ୍ବାଦିକ ଗିରିଜା ଶଙ୍କର ଦାଶ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

ସ୍ୱାମୀ ଧର୍ମନିଷ୍ଠାନନ୍ଦ ମହାରାଜଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର,୧୨।୭ : 'ସନ୍ଥ ନ ହୋତା ତୋ ସଂସାର ଜଲ୍‌ଯାତା', ସନ୍ଥ ମାନଙ୍କୁ ଚଳନ୍ତି ଗଙ୍ଗା ସହ ତୁଳନା କରାଯାଇଛି। ଯେ ଭଗବାନ ଙ୍କ ପଛରେ ଯାଏ ସେ ସାଧୁ ଓ ଭଗବାନ ସ୍ୱୟଂ ସନ୍ଥ ଙ୍କ ପଛରେ ଯାଆନ୍ତି। ଦିବ୍ୟ ଜୀବନ ସଂଘ, ମୁଖ୍ୟାଶ୍ରମ ରିଷିକେଶର ବରିଷ୍ଠ ସନ୍ଥ ତଥା ସମ୍ପାଦକ ସ୍ୱାମୀ ଧର୍ମନିଷ୍ଠାନନ୍ଦ ସରସ୍ୱତୀ ମହାରାଜଙ୍କ ଦିବ୍ୟ ଜୀବନ ସଂଘ, ମହିଳା ଶାଖା, ବ୍ରହ୍ମପୁର ପରିସରରେ ଉପସ୍ଥିତି ସମସ୍ତଙ୍କୁ ଉତ୍ସାହିତ କରିଥଲା। ସ୍ୱାମୀଜୀ ସଂସାର ସୁଧୁରିବା ପାଇଁ ସୁନ୍ଦର ଦିଗଦର୍ଶନ ଦେଇଥିଲେ ଏବଂ ସ୍ୱାମୀ ଶିବାନନ୍ଦଙ୍କ ବିଂଶ ଆଧ୍ୟାତ୍ମିକ ଉପଦେଶ ବିଷୟରେ ଅଶ୍ରୀବଚନ ଦେଇଥିଲେ।ଏହି ସବୁ କାର୍ଯ୍ୟକ୍ରମରେ ସଂଘର ବରିଷ୍ଠ ଉପଦେଷ୍ଟା ରୀନା ପାଢୀ,ଅଶୋକ କୁମାର ପାଢ଼ୀ, ଅରୁଣ କୁମାର ଦାଶ, ସୁରେଶ ମହାପାତ୍ର, ଭାସ୍କର ବେହେରା, ମମତା ମହାପାତ୍ର,ଶ୍ରୀନିବାସ ପାତ୍ର, ଶକୁନ୍ତଳା, ସୁଜାତା ପଟ୍ଟନାୟକ, ଲକ୍ଷ୍ମୀ ପାତ୍ର, ରମେଶ ବେହେରା, ରାମକୃଷ୍ଣ ଖଟାଇ, ପ୍ରବିଣା ମିଶ୍ରଙ୍କ ସମେତ ବହୁ ଭକ୍ତ ଉପସ୍ଥିତ ଥିଲେ। ଦିବ୍ୟ ଜୀବନ ସଂଘ, ଦକ୍ଷିଣାଞ୍ଚଳ ସମନ୍ୱୟ ସମିତିର କୋଷାଧ୍ୟକ୍ଷ ଶାନ୍ତିଭୂଷଣ ପଣ୍ଡା ସ୍ୱାମୀଜୀଙ୍କୁ କୃତଜ୍ଞତା ଜଣାଇବା ସହ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ

ଦେଶୀ ମହୁଲି ଜବତ, ଦୁଇ ବେପାରୀ ଗିରଫ

ବାସୁଦେବପୁର,୧୨।୭ : ଭଦ୍ରକ ଜିଲ୍ଲା ବାସୁଦେବପୁର ଅବକାରୀ ବିଭାଗ ର ସ୍ୱତନ୍ତ୍ର ଟିମ୍ ଅତର୍କିତ ଭାବେ ଅଢୁଆଁ ଗ୍ରାମ ରେ ମହୁଲି ବେପାରୀଙ୍କ ଘରେ କରିଥିଲେ ଚଢ଼ାଉ। ସୂଚନା ଅନୁଯାୟୀ ଗତକାଲି ଭଦ୍ରକ ଅବକାରୀ ଅଧିକ୍ଷକ ନରୋତ୍ତମ ମିଶ୍ର ଙ୍କ ନିର୍ଦ୍ଦେଶ କ୍ରମେ ଭ୍ରାମ୍ୟମାଣ ଟିମ୍ ର ନିରିକ୍ଷକ ରାଜକିଶୋର ଜେନାଙ୍କ ତତ୍ୱାବଧାନରେ ଟିମ୍ ର ସବ ଇନ୍ସପେକ୍ଟର ନଟବର ମଲ୍ଲିକ୍ ଓ ଷ୍ଟାଫ୍ ମିଥୁନ ଜେନା, ବିଭୁପ୍ରସାଦ ମଲ୍ଲିକ୍, ଅଜୟ ଦାସ, ସୁଭ୍ରାମିନି ଦାସ ସମେତ ସ୍ୱତନ୍ତ୍ର ଟିମ୍ ବାସୁଦେବପୁର ଅଢୁଆଁ ଗ୍ରାମ ରେ ଦେଶୀ ମହୁଲି ବ୍ୟବସାୟୀଙ୍କ ଘରେ ଅତର୍କିତ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ୮ ବସ୍ତା ଦେଶୀ ମହୁଲି ମଦ, ପ୍ରତ୍ୟେକ ବସ୍ତାରେ ୧୦ ଟି ଲେଖାଏଁ ପାଉଚ ମୋଟ ୪୦୦ ଲିଟର ଦେଶୀ ମହୁଲି ମଦ ସହିତ ବେତଡା ଗ୍ରାମରେ ଚଢାଉ କରି ପରମାନନ୍ଦ ବାରିକ ନିକଟରୁ ୧୨ଟି ବିଅର ଜବତ୍ କରାଯାଇଛି। ଏଥିସହିତ ଦୁଇଜଣ ମହୁଲି ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ପରି ଭାବେ ଆଗକୁ ବେଆଇନ ଦେଶି ମହୁଲି ଉପରେ ଚଢାଉ ଜାରି ରହିବା ସହିତ ବେପାରୀ ମାନଙ୍କୁ ଗିରଫ୍ କରାଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ଛେଳି ଚୋରଙ୍କୁ ଗ୍ରାମବାସୀ ଧରି ନିର୍ଧୁମ ଛେଚିଲେ

ବଣାଇଁ,୧୨।୭ : ସୁନ୍ଦରଗଡ ଜିଲ୍ଲା ବଣେଇ ଉପଖଣ୍ଡର ଚାନ୍ଦିପୋଷ ଥାନା ଅନ୍ତର୍ଗତ କୋଇଲିଝର ଗ୍ରାମରେ ପ୍ରଜା କୋର୍ଟ, ଛେଳି ଚୋର ଙ୍କୁ ଗ୍ରାମବାସୀ ଧରି ନିର୍ଧୁମ ଛେଚିଲେ, ତିନିଜଣ ଛେଳି ଚୋର ଆହତ। ଜଣେ ବ୍ରାହ୍ମଣୀ ନଦୀ କୁ ଡେଇଁ ଫେରାର, ନଦୀ ଗର୍ଭ କୁ ଡେଇଁ ଫେରାର ଦୁର୍ବୃତ୍ତ କୁ ଅଗ୍ନିଶମ ବିଭାଗ ସହାୟତା ରେ ଚାଲିଛି। ଅନ୍ୟ ଦୁଇ ଆହତଙ୍କୁ ଉଦ୍ଧାର କରି ଚାନ୍ଦିପୋଷ ପୋଲିସ ଚିକିତ୍ସା ପାଇଁ ରାଉରକେଲା ସ୍ଥାନାନ୍ତର କରିଥିବା ଜଣା ପଡ଼ିଛି।

ତିର୍ତ୍ତୋଲରେ ବେଆଇନ ମଦ କାରବାର ଠାବ

୧୫ ଲିଟର ଦେଶୀ ମଦ ସହ ୩ ଗିରଫ

ଜଗତସିଂହପୁର, ୧୨।୭ : ତିର୍ତ୍ତୋଲ ଅଞ୍ଚଳରେ ବେଆଇନ ଦେଶୀ ମଦ କାରବାର ବିରୋଧରେ ପୋଲିସକୁ ମିଳିଛି ବଡ଼ ଧରଣର ସଫଳତା । ଏକ ଅବକାରୀ ମାମଲାର ତଦନ୍ତ ସମୟରେ ସଂଗଠିତ ଭାବେ ଚାଲୁଥିବା ବେଆଇନ ମଦ କାରବାରର ସନ୍ଧାନ ମିଳିବା ପରେ ପୋଲିସ ଚଢ଼ାଉ କରି ୭୫ ବୋତଲ 'ଆସ୍କା–୪୦' ଦେଶୀ ମଦ (ମୋଟ ୧୫ ଲିଟର) ଜବତ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇ ଶନିବାର ଅଦାଲତକୁ ଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ତିର୍ତ୍ତୋଲ ଥାନା କେସ୍ ନଂ–୩୪୬, ତାରିଖ ୧୧.୦୭.୨୦୨୬ରେ ଭାରତୀୟ ନ୍ୟାୟ ସଂହିତା (ଇଘଝ)ର ଧାରା ୧୧୧(୨), ୧୧୨(୨), ୩(୫) ସହ ଓଡ଼ିଶା ଅବକାରୀ ଆଇନର ଧାରା ୫୨(କ) ଓ ୫୪ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଡତିରା ଗ୍ରାମର ରଷିକେଶ ବିଶ୍ୱାଳ (୫୪), ତାଙ୍କ ପତ୍ନୀ ତପସ୍ୱିନୀ ବିଶ୍ୱାଳ (୪୫) ଏବଂ ବାଲିପାଟଣା ଗ୍ରାମର ଦୀପ୍ତି ରଞ୍ଜନ ସାହୁ ଓରଫ ଦୀପ୍ତି (୩୧)। ପୋଲିସର କହିବା ଅନୁସାରେ, ତଦନ୍ତ ସମୟରେ ସେମାନଙ୍କ ସଂଗଠିତ ଅପରାଧରେ ସଂପୃକ୍ତି ନେଇ ତଥ୍ୟ ମିଳିଥିଲା। ଜବତ ମଦକୁ ଜବତ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ଶନିବାର ସ୍ଥାନୀୟ ଅଦାଲତରେ ହାଜର କରାଯାଇଛି। ମାମଲାର ଅଧିକ ତଦନ୍ତ ଚାଲିଥିବା ତିର୍ତ୍ତୋଲ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ଅଚାନକ ସ୍କୁଲରେ ଶିକ୍ଷାମନ୍ତ୍ରୀଙ୍କ ଏଣ୍ଟ୍ରି

ଶ୍ରେଣୀଗୃହରେ ବସି ପରଖିଲେ ପାଠପଢ଼ା

■ ଶିକ୍ଷକଙ୍କୁ ଦେଲେ କଡ଼ା ବାର୍ତ୍ତା

ଜଗତସିଂହପୁର,୧୨।୭ : ବିକାଶମୂଳକ ପ୍ରକଳ୍ପ ପରିଦର୍ଶନରେ ଯାଉଥିବା ବେଳେ ହଠାତ୍ ଏକ ସରକାରୀ ବିଦ୍ୟାଳୟରେ ପହଞ୍ଚିଗଲେ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। କୌଣସି ପୂର୍ବ ସୂଚନା ନଥିବାରୁ ବିଦ୍ୟାଳୟ ପରିସରରେ ଚାଲିଥିବା ଦୈନନ୍ଦିନ ବ୍ୟବସ୍ଥାକୁ ସେ ନିଜେ ପରଖିଥିଲେ। ଶ୍ରେଣୀଗୃହକୁ ସିଧା ପ୍ରବେଶ କରି ଛାତ୍ରଛାତ୍ରୀଙ୍କ ସହ ବସି ପାଠପଢ଼ାର ମାନ ଯାଞ୍ଚ କରିବା ସହ ବିଭିନ୍ନ ବିଷୟରେ ପ୍ରଶ୍ନ ପଚାରି ସେମାନଙ୍କ ଶିକ୍ଷାଗ୍ରହଣ କ୍ଷମତାକୁ ପରଖିଥିଲେ। କୁଜଙ୍ଗ ବ୍ଲକ ଗଣ୍ଡିକିପୁର ପଞ୍ଚାୟତରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବାକୁ ଯାଉଥିବା ସମୟରେ ମନ୍ତ୍ରୀ ହଠାତ୍ ରଘୁନାଥଜୀୟୁ ସରକାରୀ ବିଦ୍ୟାଳୟରେ ପହଞ୍ଚିଥିଲେ। ଅପ୍ରତ୍ୟାଶିତ ଭାବେ ମନ୍ତ୍ରୀଙ୍କ ଆଗମନରେ ବିଦ୍ୟାଳୟ ପରିସରରେ କିଛି ସମୟ ପାଇଁ ଚହଳ ପଡ଼ିଥିଲା। ଶ୍ରେଣୀଗୃହରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବସି ସେ ବିଭିନ୍ନ ବିଷୟରେ ପ୍ରଶ୍ନ କରିଥିଲେ। କେତେକ ଛାତ୍ରଛାତ୍ରୀ ସନ୍ତୋଷଜନକ ଉତ୍ତର ଦେଇପାରି ନଥିବାରୁ ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିବା ସହ ଶିକ୍ଷାର ଗୁଣାତ୍ମକ ମାନ ଆହୁରି ବଢ଼ାଇବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ଏହାପରେ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଏକାଠି କରି ପ୍ରାୟ ୩୦ ମିନିଟ ଧରି ବୈଠକ କରିଥିଲେ। ବିଶେଷକରି ଇଂରାଜୀ ଓ ଗଣିତ ଭଳି ମୌଳିକ ବିଷୟରେ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ଉପରେ ଅଧିକ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। କେବଳ ପାଠ୍ୟକ୍ରମ ଶେଷ କରିବା ନୁହେଁ, ବରଂ ପ୍ରତ୍ୟେକ ଛାତ୍ରଛାତ୍ରୀ ବିଷୟକୁ ଭଲଭାବେ ବୁଝିବା ଦିଗରେ ଶିକ୍ଷକମାନେ ଅଧିକ ଯତ୍ନବାନ ହେବାକୁ ମନ୍ତ୍ରୀ କହିଥିଲେ। ବୈଠକ ପରେ ସେ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ

ରୋଷେଇଘର ବୁଲି ଦେଖିବା ସହ ଖାଦ୍ୟ ପ୍ରସ୍ତୁତି, ପରିଷ୍କାର-ପରିଚ୍ଛନ୍ନତା ଓ ପରିଚାଳନା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ ସୁସ୍ଥ ପରିବେଶ ଯୋଗାଇବା ଉପରେ ସରକାରଙ୍କ ସର୍ବାଧିକ ଗୁରୁତ୍ୱ ରହିଥିବା ସେ ସ୍ପଷ୍ଟ କରିଥିଲେ। ଶିକ୍ଷାମନ୍ତ୍ରୀଙ୍କ ଏହି ଅଚାନକ ବିଦ୍ୟାଳୟ ପରିଦର୍ଶନ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ, ଶିକ୍ଷାର ଗୁଣବତ୍ତା ସହ କୌଣସି ପ୍ରକାର ଆପୋଷ ନକରିବାକୁ ସରକାରଙ୍କ ଆଭିମୁଖ୍ୟକୁ ଏହା ପୁଣିଥରେ ସ୍ପଷ୍ଟ କରିଛି।

ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

ପିଲାଙ୍କ ଜନ୍ମ ମଧ୍ୟରେ ଉଚିତ ବ୍ୟବଧାନ ରଖିବାକୁ ଗୁରୁତ୍ୱାରୋପ

ବାଲେଶ୍ୱର,୧୨।୭ : ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲ୍ଲା ତାଲିମ କେନ୍ଦ୍ର ସଭାକକ୍ଷରେ ଶୁଭ ଉଦ୍ଘାଟନ ସମାରୋହ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷର ବିଷୟବସ୍ତୁ ଥିଲା, "ପିଲାଙ୍କ ଜନ୍ମରେ ରଖନ୍ତୁ ଉଚିତ ବ୍ୟବଧାନ, ସୁସ୍ଥ ଏବଂ ସୁଖୀ ହେବ ପାରିବାରିକ ଜୀବନ।" କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ସ୍ତ୍ରୀ ଓ ପ୍ରସୂତି ବିଭାଗ ଅଧିକାରୀ ଡା. ଗିରିଜା ଶଙ୍କର ଦାସ ଉପସ୍ଥିତ ରହି ସହରାଞ୍ଚଳର ଆଶା କର୍ମୀ ଓ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ପିଲା ଜନ୍ମ ମଧ୍ୟରେ ଉଚିତ ବ୍ୟବଧାନ ରଖିବାର ଆବଶ୍ୟକତା ସମ୍ପର୍କରେ ସଚେତନ କରିଥିଲେ। ଏହା ଦ୍ୱାରା ମା' ଓ ଶିଶୁ ଉଭୟଙ୍କ ସ୍ୱାସ୍ଥ୍ୟ ସୁରକ୍ଷିତ ରହିବ ବୋଲି ସେ କହିଥିଲେ। ଏଥିପାଇଁ ଅସ୍ଥାୟୀ ପରିବାର ନିୟୋଜନ ପଦ୍ଧତି ଯଥା ଅନ୍ତରା, କଣ୍ଡମ, ମାଲା-ଏନ୍ ଟାବଲେଟ୍, କପର-ଟି ଓ ଇଜି ପିଲ୍ ଆଦି ସମସ୍ତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଗଣାରେ ଉପଲବ୍ଧ ଥିବା ସେ ସୂଚନା ଦେଇଥିଲେ। ଜିଲ୍ଲା ମେଡିକାଲ ଅଧିକାରୀ ଡା. ଅମୁଲ୍ୟ କୁମାର ଦାସ କହିଥିଲେ ଯେ, ପରିବାର ନିୟୋଜନ ସଚେତନତା ଅଭିଯାନ ଜୁଲାଇ ୧୧ରୁ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଯେଉଁ ଦମ୍ପତିଙ୍କର ପରିବାର ସମ୍ପୂର୍ଣ୍ଣ ହୋଇସାରିଛି, ସେମାନେ ପୁରୁଷ ବନ୍ଧ୍ୟାକରଣ ଓ ମହିଳା ବନ୍ଧ୍ୟାକରଣ ପରି ସ୍ଥାୟୀ ପରିବାର ନିୟୋଜନ ପଦ୍ଧତି ଆପଣାଇବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ। ସହକାରୀ ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ) ଡା. ସଞ୍ଜୀବ ପ୍ରଧାନ ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ ପାଇଁ ସ୍ଥାୟୀ ଏବଂ ଅସ୍ଥାୟୀ ପରିବାର ନିୟୋଜନ ପଦ୍ଧତି ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ବଇଦପାଲିରେ ନୂତନ ବିଦ୍ୟାଳୟ ପରିଚାଳନା କମିଟି ଗଠିତ

ବଣାଇଁ,୧୨।୭ : ପିଏମ୍ ଶ୍ରୀ ସରକାରୀ (ଏସ୍.ଏସ୍.ଡି.) ବାଳିକା ଉଚ୍ଚ ବିଦ୍ୟାଳୟ, ବଇଦପାଲିଠାରେ ନୂତନ ବିଦ୍ୟାଳୟ ପରିଚାଳନା କମିଟି (ଝଗଉ) ଗଠନ ଉଦ୍ଦେଶ୍ୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସୁପ୍ରଭା ଦୋରା ସଭାରେ ସଭାପତିତ୍ୱ କରିଥିଲେ। କେନ୍ଦ୍ରିକଲା କ୍ଲଷ୍ଟରର ସି.ଆର୍.ସି.ସି. ଶ୍ରୀ ଚତୁର୍ଭୁଜ ପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପର୍ଶୁରାମ ବାରିକ ଏବଂ ଏସ୍.ଏମ୍.ସି. ସଭାପତି ଦିଲ୍ଲୀପ କୁମାର କିଷାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଗୁଣାତ୍ମକ ବିକାଶ, ସୁପରିଚାଳନା ଏବଂ ଅଭିଭାବକଙ୍କ ସକ୍ରିୟ ସହଭାଗିତାର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସଭାରେ ସର୍ବସମ୍ମତିକ୍ରମେ ୮ ଜଣ ମହିଳା ସଭ୍ୟା ଓ ୭ ଜଣ ପୁରୁଷ ସଭ୍ୟଙ୍କୁ ନେଇ ନୂତନ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରାଯାଇଥିଲା। ନବଗଠିତ କମିଟିର ସଭାପତି ଭାବେ ନନ୍ଦଲାଲ ମୁଣ୍ଡା ଏବଂ ଉପସଭାପତି ଭାବେ ବିରେନ ମୁଣ୍ଡା ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ। ନବଗଠିତ କମିଟି ବିଦ୍ୟାଳୟର ଶୈକ୍ଷିକ, ସହଶୈକ୍ଷିକ ଓ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ସକ୍ରିୟ ଭୂମିକା ଗ୍ରହଣ କରିବ ବୋଲି ଆଶା ପ୍ରକାଶ ପାଇଥିଲା। ସଭାକୁ ଗଣିତ ଶିକ୍ଷକ ସଚ୍ଚିଦାନନ୍ଦ ସାହୁ ସୁନ୍ଦର ଭାବେ ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷୟିତ୍ରୀ ଶ୍ରୀମତୀ ପଙ୍କଜିନି ଗରତିଆ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅଣଶିକ୍ଷକ କର୍ମଚାରୀମାନେ ସକ୍ରିୟ ସହଯୋଗ କରି ସଫଳ କରିଥିଲେ।

ବିପର୍ଯ୍ୟସ୍ତ ଅବସ୍ଥାରେ ଚିକିଟୀ ଶିଶୁ ଉଦ୍ୟାନ

ବ୍ରହ୍ମପୁର,୧୨।୭ : ପିଲାଙ୍କ ମନୋରଞ୍ଜନ ଓ ଖେଳକୁଦ ପାଇଁ ତିଆରି ହୋଇଥିବା ଉଦ୍ୟାନ ଆଜି ସେମାନଙ୍କ ପାଇଁ ମରଣଯନ୍ତା ପାଲଟିଛି। ଚିକିଟୀ ବିଜ୍ଞାପିତ ଅଞ୍ଚଳ ପରିଷଦ ଚିକିଟୀ ପେଣ୍ଠ ଅଞ୍ଚଳର ଏକମାତ୍ର ଶିଶୁ ଉଦ୍ୟାନ ଏବେ ଚରମ ଅବହେଳାର ଜ୍ୱଳନ୍ତ ଉଦାହରଣ ସାଜିଛି। ଦୀର୍ଘ ଦିନ ଧରି ଏଠାରେ ଥିବା ଖେଳ ଉପକରଣ ଗୁଡ଼ିକ ଭାଙ୍ଗିରୁଜି ନଷ୍ଟ ହୋଇଯାଇଥିବା ବେଳେ ଉଦ୍ୟାନର ପାର୍ଶ୍ୱବର୍ତ୍ତୀ କାନ୍ଥଟି ଅତ୍ୟନ୍ତ ଭଗ୍ନାବସ୍ଥାରେ ରହିଛି। ଯେକୌଣସି ମୁହୂର୍ତ୍ତରେ ଏହି ବିପଦପୂର୍ଣ୍ଣ କାନ୍ଥ ଭୁଶୁଡ଼ି ପଡ଼ିବାର ଆଶଙ୍କା ଥିଲେ ମଧ୍ୟ ସ୍ଥାନୀୟ ଏନ୍.ଏ.ସି ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁ ନାହିଁ। ଚିକିଟୀ ପେଣ୍ଠ ଅଞ୍ଚଳରେ ପିଲାମାନଙ୍କ ପାଇଁ ଦ୍ୱିତୀୟ କୌଣସି ପାର୍କ ନାହିଁ। ଫଳରେ ପ୍ରତିଦିନ ସନ୍ଧ୍ୟା ହେଲେ ନିଜ କୋମଳମତି ଶିଶୁମାନଙ୍କୁ ଧରି ଶତାଧିକ ଅଭିଭାବକ ଏହି ଉଦ୍ୟାନକୁ ଆସିଥାନ୍ତି। ପାର୍କରେ ପ୍ରବଳ ଭିଡ଼ ଜମୁଥିବା ବେଳେ ପିଲାମାନେ ସେହି ଭଙ୍ଗା ଦୋଳି ଓ ଖେଳଣା ସାଙ୍ଗକୁ ବିପଦସଂକୁଳ କାନ୍ଥ କଡ଼ରେ ଖେଳୁଥିବା ଦେଖିବାକୁ ମିଳୁଛି। ନିଜ କାଳସର୍ପ ସଦୃଶ ଠିଆ ହୋଇଥିବା କାନ୍ଥ ପାଖରେ ପିଲାମାନେ ଖେଳୁଥିବାରୁ ଅଭିଭାବକମାନେ ସର୍ବଦା ଏକ ଅଜଣା ଭୟ ଓ ଆଶଙ୍କା ମଧ୍ୟରେ ରହୁଛନ୍ତି। ଏଭଳି ସଂଘାତିକ ସମସ୍ୟା ନେଇ ସ୍ଥାନୀୟ ସଚେତନ ନାଗରିକଙ୍କ ପକ୍ଷରୁ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ସାଧାରଣ ଲୋକେ ନିଜେ ଉଦ୍ୟାନର ଏହି ବିପଦପୂର୍ଣ୍ଣ ସ୍ଥିତି ଓ ଭଙ୍ଗା କାନ୍ଥର ଫଟୋ ଉଠାଇ ଏନ୍.ଏ.ସି. କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଯନ୍ତ୍ରୀ ମହୋଦୟଙ୍କୁ ମୋବାଇଲ୍ ମାଧ୍ୟମରେ ପଠାଇ ଅବଗତ କରାଇଛନ୍ତି। ଦୁର୍ଭାଗ୍ୟର ବିଷୟ, ସବୁ ପ୍ରମାଣ ପାଇବା ପରେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ପ୍ରଶାସନର ଏଭଳି ଦାୟିତ୍ୱହୀନତା ଓ ଉଦାସୀନ ମନୋଭାବ ଯୋଗୁଁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଠାରେ ପ୍ରଶ୍ନ ଉଠୁଛି, ପ୍ରଶାସନ କ'ଣ କୌଣସି ବଡ଼ ଦୁର୍ଘଟଣାକୁ ଅପେକ୍ଷା କରିଛି? ଯଦି ଖେଳୁଥିବା ସମୟରେ କୌଣସି ଶିଶୁ ଉପରକୁ ସେହି ଭଙ୍ଗା କାନ୍ଥଟି ପଡ଼ିଯାଏ କିମ୍ବା କେହି ଦୁର୍ଘଟଣାର ଶିକାର ହୁଅନ୍ତି, ତେବେ ସେଥିପାଇଁ ଦାୟୀ କିଏ ହେବ? ଅଭିଭାବକଙ୍କ ସ୍ୱରକୁ ପ୍ରଶାସନ କାହିଁକି ଅଣଦେଖା କରୁଛି? ପିଲାମାନଙ୍କ ସୁରକ୍ଷାକୁ ନେଇ ଏଭଳି ଖେଳଖେଳାଳି କରିବା କେତେଦୂର ଯୁକ୍ତିଯୁକ୍ତ? ଏଭଳି ପରିସ୍ଥିତିରେ ଚିକିଟୀ ପେଣ୍ଠବାସୀ ଏବେ ପ୍ରଶାସନ ଉପରୁ ଆସ୍ଥା ହରାଇବାକୁ ବସିଲେଣି। ଯଦି ତୁରନ୍ତ ଏହି ଉଦ୍ୟାନର ମରାମତି କରାଯାଇ ଖେଳ ଉପକରଣ ଗୁଡ଼ିକୁ ଠିକ୍ କରାନଯାଏ ଏବଂ ବିପଦପୂର୍ଣ୍ଣ କାନ୍ଥର ପୁନଃନିର୍ମାଣ କରାନଯାଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ବର୍ତ୍ତମାନ ଦେଖିବାକୁ ବାକି ରହିଲା, ଏହି ଖବର ପ୍ରକାଶ ପାଇବା ପରେ ସମ୍ବନ୍ଧିତ କର୍ତ୍ତୃପକ୍ଷ ଚେତିବେ ନା ଦୁର୍ଘଟଣା ଘଟିବା ଯାଏଁ ଆଖି ବନ୍ଦ କରି ବସିରହିବେ?

ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ

ଜାତୀୟ ସାହିତ୍ୟ ସମ୍ମାନ ପ୍ରଦାନ ସହ କୃତୀଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର,୧୨।୭ : ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ଶନିବାର ବ୍ୟାସବିହାର ପରିସରରେ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହୋଇଛି। ଉଚ୍ଚଶିକ୍ଷା, ଗବେଷଣା, ସାହିତ୍ୟ, ନବସୃଜନ ଓ ସାମାଜିକ ଦାୟିତ୍ୱବୋଧକୁ ଗୁରୁତ୍ୱ ଦେଇ ଆୟୋଜିତ ଏହି ସମାରୋହରେ ଜାତୀୟ ସାହିତ୍ୟ ସମ୍ମାନ, ବ୍ୟାସ ଗୌରବ ସମ୍ମାନ, ବିଭିନ୍ନ ସାହିତ୍ୟ ପୁରସ୍କାର, କୃତୀ ଛାତ୍ରଛାତ୍ରୀ ଓ ବିଜେତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ହିନ୍ଦୀ ସାହିତ୍ୟିକ ତଥା ସାମ୍ବାଦିକ ବଳରାମ ପ୍ରେମ ନାରାୟଣଙ୍କୁ 'ଫକୀରମୋହନ ଜାତୀୟ ସାହିତ୍ୟ ସମ୍ମାନ–୨୦୨୬' ପ୍ରଦାନ କରିଥିଲେ। ଓଡ଼ିଆ ସାହିତ୍ୟରେ ଅବଦାନ ପାଇଁ ଡ଼. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ଡ଼. ସୋମା ଚାନ୍ଦଙ୍କୁ 'ବ୍ୟାସ ଗୌରବ ସମ୍ମାନ–୨୦୨୬' ମିଳିଥିଲା। ଏହି ଅବସରରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସଙ୍କୁ ଯୁବ ଗଳ୍ପିକା ପୁରସ୍କାର, ବାବୁଲ କୁମାର କବିଙ୍କୁ ମନୋଜ ନବ ପ୍ରତିଭା କବିତା ପୁରସ୍କାର, ସୋନାଲି ନାୟକଙ୍କୁ ଜୟନ୍ତ ମହାପାତ୍ର କବିତା ପୁରସ୍କାର ଏବଂ ରାଜଲକ୍ଷ୍ମୀ ବେହେରାଙ୍କୁ ଡ଼. ପ୍ରସନ୍ନ କୁମାର ସ୍ମାରକ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତିଷ୍ଠା ଦିବସ ଉପଲକ୍ଷେ ଆୟୋଜିତ ଚିତ୍ରାଙ୍କନ, ପ୍ରବନ୍ଧ, ବିତର୍କ, ଏନ୍‌ଏସ୍‌ଏସ୍, କୁଳପତି କପ୍ ଓ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର କୃତୀଙ୍କୁ ସମ୍ମାନିତ କରାଯାଇଥିଲା। ଆନ୍ତଃବିଶ୍ୱବିଦ୍ୟାଳୟ କର୍ମଚାରୀ ଭଲିବଲ୍ ପ୍ରତିଯୋଗିତାରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଚାମ୍ପିଅନ୍ ହୋଇଥିବାବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଉପବିଜେତା ହୋଇଥିଲା। ସମାରୋହରେ 'ଫକୀରମୋହନ ବିଶ୍ୱବିଦ୍ୟାଳୟ ବାର୍ଷିକ ବିବରଣୀ–୨୦୨୫-୨୬' ଓ 'ଫକୀରମୋହନ ଶବ୍ଦାବଳୀ' ଉନ୍ମୋଚିତ ହୋଇଥିଲା। ୟୁକୋ ବ୍ୟାଙ୍କ ପକ୍ଷରୁ ବିଶ୍ୱବିଦ୍ୟାଳୟକୁ ୧୭ ଆସନ ବିଶିଷ୍ଟ ବୈଦ୍ୟୁତିକ ଯାନ ପ୍ରଦାନ କରିଥିବାରୁ କ୍ଷେତ୍ରୀୟ ମୁଖ୍ୟ ନୀତିଶ କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ବକ୍ତା ବଳରାମ ପ୍ରେମ ନାରାୟଣ ଫକୀରମୋହନ ସେନାପତିଙ୍କ ସମସ୍ତ ସାହିତ୍ୟକୃତିକୁ ହିନ୍ଦୀରେ ଅନୁବାଦ କରିବାର ଘୋଷଣା କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ବିଶ୍ୱବିଦ୍ୟାଳୟକୁ ବିଶ୍ୱସ୍ତରୀୟ ଶିକ୍ଷା ଓ ଗବେଷଣା କେନ୍ଦ୍ରରେ ପରିଣତ କରିବା ପାଇଁ ସମସ୍ତଙ୍କ ସହଯୋଗ ଆହ୍ୱାନ କରିଥିଲେ।ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ମାନବଶୃଙ୍ଖଳ ଗଠନ କରାଯାଇ ସଚେତନତାର ବାର୍ତ୍ତା ଦିଆଯାଇଥିଲା। ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇଥିବାବେଳେ କୁଳସଚିବ କୁକୁମୀନା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପ୍ରଫେସର ପବିତ୍ର ମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ରୂପସା ସତ୍ୟସାଇ ସେବା ସଙ୍ଗଠନର ଅମୃତ ବିନ୍ଦୁ କାର୍ଯ୍ୟକ୍ରମ

ରୂପସା,୧୨।୭ : ଚାନସେଲର ରାଉତ ସଦର ବ୍ଲକ ଅନ୍ତର୍ଗତ ରୂପସା ସତ୍ୟସାଇ ସେବା ସଙ୍ଗଠନ ଓ ଓଡ଼ିଶା ରକ୍ତଦାତା ସଂଘର ମିଳିତ ସହଯୋଗରେ ସତ୍ୟସାଇ ମନ୍ଦିର ପରିସରରେ ଅମୃତ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ମୁଖ୍ୟ ଅତିଥି ବାଲେଶ୍ୱର ସାଇ ସମିତିର ପ୍ରାକ୍ତନ ଆବାହକ ପ୍ରଫୁଲ୍ଲ କୁମାର ରାଉତ, ରୂପସା ସତ୍ୟସାଇ ସେବା ସଙ୍ଗଠନର ପ୍ରାକ୍ତନ ଆବାହକ ଉମେଶ ଚନ୍ଦ୍ର ନାୟକ, ଆବାହକ ପର୍ଶୁରାମ ବେହେରା, ପ୍ରାକ୍ତନ ଶିକ୍ଷକ ରାଜେନ୍ଦ୍ର ନାଥ ଖମାରୀ, ମାୟାଧର ପାଣି, ନିହାର ରଞ୍ଜନ ବାରିକ ଓ ଓଡ଼ିଶା ରକ୍ତଦାତା ସଂଘର ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ଉଦଘାଟନ କରିବା ସହ ଲୋକ ମାନଙ୍କୁ ସ୍ୱେଚ୍ଛା ରକ୍ତଦାନର ମହତ୍ତ୍ୱ ଓ ଉପାଦେୟତା ସମ୍ପର୍କରେ ସଚେତନ ଓ ଉତ୍ସାହିତ କରିଥିଲେ। ଏହି ଶିବିରରେ ବାଲେଶ୍ୱରସ୍ଥିତ ଓଡ଼ିଶା ରକ୍ତକେନ୍ଦ୍ରର ବିଜୟ କୁମାର ପଟ୍ଟନାୟକ, ରାଜେଶ କୁମାର ମିଶ୍ର, ସତ୍ୟ ପ୍ରକାଶ ଦାଶ, ସହଯୋଗୀ ବିଦ୍ୟାଧର ସାହୁ ଓ ବିନୋଦ ବିହାରୀ ଦାସ ପ୍ରମୁଖ ଯୋଗଦେଇ ୫୮ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ପୂର୍ଣ୍ଣଚନ୍ଦ୍ର ସାହୁ, ଅନ୍ନପୂର୍ଣ୍ଣା ସାହୁ, ସୁଦାମ ସାହୁ, ଭଗବାନ ସାହୁ, ନାରାୟଣ ଧଳ, ଅର୍ଚ୍ଚନା ବେହେରା, ମୋନାଲିସା ମିସ୍ତ୍ରୀ, ଅଭିଷେକ ମିସ୍ତ୍ରୀ, ଭିକାରୀ ଚରଣ ନାୟକ, ଭକ୍ତିରାଣୀ ମହାନ୍ତି, ବିଧାନ ଚନ୍ଦ୍ର ରାୟ, ଭିକାରୀ ଚରଣ ମିସ୍ତ୍ରୀ, ଜଗନ୍ନାଥ ସ୍ୱାଇଁ, ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ବେହେରା, ଗନ୍ଧମାର୍ଦ୍ଦନ ଦେହୁରୀ, ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ବାଲିଆପାଳସ୍ଥିତ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଏନଏସଏସ ପ୍ରୋଗ୍ରାମ ଅଫିସର ଡ. ପ୍ରେମାନନ୍ଦ ସେଠୀ, ଗାର୍ଗୀ ସାହୁ, ରଣଜିତ୍ ତପସ୍ୱୀ, ବୀଣାପାଣି ଗିରି ଓ ଦେବେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ରୂପସା ସତ୍ୟସାଇ ସେବା ସଙ୍ଗଠନର ସଦସ୍ୟ ରାଜେନ୍ଦ୍ର ନାଥ ଖମାରୀ ଶାନ୍ତି ପାଠ ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲାପରିଷଦ ସ୍ୱାମୀଙ୍କୁ ମରଣାନ୍ତକ ଆକ୍ରମଣ

ବସ୍ତା,୧୨।୭ : ଜିଲ୍ଲାପରିଷଦଙ୍କ ସ୍ୱାମୀଙ୍କୁ ସଙ୍ଘବଦ୍ଧ ଆକ୍ରମଣ କରିବା ସହିତ ଦଉଡ଼ିରେ ବାନ୍ଧି ଘୋଷାରିଲେ ଆକ୍ରମଣକାରୀ, ଆକ୍ରମଣ କରିବା ସମୟରେ ଭିଡ଼ିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ କଲେ ଭାଇରାଲ, ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି,ସୁଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ୧୪ ନମ୍ବର ଜୋନର ଜିଲ୍ଲାପରିଷଦଙ୍କ ସ୍ୱାମୀ ସଞ୍ଜୟ କୁମାର ବୁଗୁଡିଙ୍କୁ ସଙ୍ଘବଦ୍ଧ ଆକ୍ରମଣ କରିବା ସହିତ ଦଉଡିରେ ବାନ୍ଧି ଘୋଷାରି ଘୋଷାରିଲେ ଆକ୍ରମଣକାରୀ, କୁଣ୍ଡ ପୁର ଗ୍ରାମର ଜୈନିକ ବ୍ୟକ୍ତିଙ୍କ ମୃତ୍ୟୁ ର ହରିଶ୍ଚନ୍ଦ୍ର ଯୋଜନାରେ ଅର୍ଥ ପାଇଁ ଡକ୍ୟୁମେଣ୍ଟ ଆଣିବା ପାଇଁ ଯାଇଥିବା ବେଳେ ହୋଇଛି ଆକ୍ରମଣ,ଫଳରେ ତାଙ୍କ ଛାତିରେ ଗଭିର ଆଘାତ ଲାଗିଛି, ଖବରରୁ ପ୍ରକାଶ ଶ୍ରୀ ବୁଗୁଡି ଏବଂ କୁଣ୍ଡୁପୁର ଗ୍ରାମର ବିଜୟ କୁମାର ବେହେରା ମିଳିତ ଭାବରେ ଠିକାଦାରୀ କାମ କରିଥିଲେ,ଏହି କମର ଆର୍ଥିକ ଅନିୟମିତତା ନେଇ ଉଭୟଙ୍କ ମଧ୍ୟରେ ଶତ୍ରୁତା ଆରମ୍ଭ ହୋଇଥିଲେ,ଏନେଇ ବସ୍ତା ଥାନାରେ ଲିଖିତ ଅଭିଯୋଗ ପରେ ଆପୋଷ ସମାଧାନ ହୋଇଥିଲା, କିନ୍ତୁ ଉଭୟ ମଧ୍ୟରେ ଶତ୍ରୁତା କମି ନଥିଲା, ଯାହାକୁ ନେଇ ଏହି ସଙ୍ଘବଦ୍ଧ ଆକ୍ରମଣ ହୋଇଥିବା କୁହା ଯାଉଛି,ଏନେଇ ଉଭୟଙ୍କ ପକ୍ଷରୁ ବସ୍ତା ଥାନାରେ ପୃଥକ ପୃଥକ ଅଭିଯୋଗ ହୋଇଛି।

ବୃଦ୍ଧାଶ୍ରମରେ ପାଞ୍ଚଦିନିଆ ଅନୁଭବଜନିତ ଶିକ୍ଷଣୀୟ କାର୍ଯ୍ୟକ୍ରମ

ବାଲେଶ୍ୱର,୧୨।୭ : ମୋ ଭାରତ ଯୁବ କେନ୍ଦ୍ର, ବାଲେଶ୍ୱର ପକ୍ଷରୁ ଜୁଲାଇ ୭ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ କପିଳମୁନି ବୃଦ୍ଧାଶ୍ରମ ଏବଂ ଦିବ୍ୟ ମନ୍ଦିର ବୃଦ୍ଧାଶ୍ରମରେ ପାଞ୍ଚଦିନିଆ ଅନୁଭବଜନିତ ଶିକ୍ଷଣୀୟ କାର୍ଯ୍ୟକ୍ରମ (Experiential Learning Programme) ଜିଲ୍ଲା ଯୁବ ଅଧିକାରୀ ଫଡ଼୍ ମହମ୍ମଦଙ୍କ ତତ୍ତ୍ୱାବଧାନରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ମୋ ଭାରତର ସ୍ୱେଚ୍ଛାସେବୀମାନେ ବୃଦ୍ଧାଶ୍ରମରେ ରହୁଥିବା ବୃଦ୍ଧ ଓ ବୃଦ୍ଧାମାନଙ୍କ ସହ ସମୟ ବିତାଇ ସେମାନଙ୍କ ସହ ଆଲୋଚନା କରିବା ସହ ପରିସର ସଫେଇ, ଯୋଗାଭ୍ୟାସ, ବୃକ୍ଷରୋପଣ, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ସାମୂହିକ ଭୋଜନ ଓ କୀର୍ତ୍ତନ ଭଳି ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ କରିଥିଲେ। ଏହାସହ ବୃଦ୍ଧମାନଙ୍କ ଦୁଃଖସୁଖରେ ସାମିଲ ହୋଇ ସେମାନଙ୍କୁ ମାନସିକ ସହଯୋଗ ଓ ଆତ୍ମୀୟତାର ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୋ ଭାରତର ହିସାବ ରକ୍ଷକ ଅଧିକାରୀ ଅମୀରନ ରାଉତ ଉପସ୍ଥିତ ରହି ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀ ବିକ୍ରମ ବାରିକ, ଅଭିଜିତ ବେହେରା, ପ୍ରିୟଙ୍କା ଦାସ, ଆଲୋକ ସିଂ, ଦୀପଶିଖା ଘଡ଼େଇ, ଅର୍ପଣ କ୍ରିଷ୍ଣା ଦେ, ଦେବାଶିଷ ଦେ, ଶୁଭଲକ୍ଷ୍ମୀ ପରିଡ଼ା ଓ ଗାୟତ୍ରୀ ବାରିକ ପ୍ରମୁଖ ସକ୍ରିୟ ଭାବେ ଯୋଗଦାନ କରିଥିଲେ। ଏହି ଅନୁଭବଜନିତ ଶିକ୍ଷଣୀୟ କାର୍ଯ୍ୟକ୍ରମ ଯୁବ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ସେବାଭାବ, ସାମାଜିକ ଦାୟିତ୍ୱବୋଧ ଓ ବୃଦ୍ଧମାନଙ୍କ ପ୍ରତି ସମ୍ମାନର ଭାବନାକୁ ଆହୁରି ସୁଦୃଢ଼ କରିଥିବା ଆୟୋଜକମାନେ ପ୍ରକାଶ କରିଛନ୍ତି।

ଥାର ଗାଡ଼ିରେ ଟାଣିନେଇ ଏଟିଏମ ଲୁଟ୍

- ରାସ୍ତାରେ ଫିଙ୍ଗି ପଳାଇଲେ ଦୁର୍ବୃତ୍ତ
- ଖଇରା ତୁରିଗଡ଼ିଆରେ ଚାଞ୍ଚଲ୍ୟ
- ସିସିଟିଭି ଆଧାରରେ ତଦନ୍ତ ଆରମ୍ଭ

ବାଲେଶ୍ୱର,୧୨।୭ : ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅନ୍ତର୍ଗତ ତୁରିଗଡ଼ିଆ ବଜାରରେ ଥିବା ଏକ ଇଣ୍ଡିଆ ୱାନ୍ ଏଟିଏମରୁ ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ସିନେମା ଶୈଳୀରେ ଲୁଟ୍ କରିଥିବା ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଲୁଟ୍ ପରେ ଏଟିଏମ ମେସିନ୍‌କୁ ଏକ ଥାର ଗାଡ଼ିରେ ଟାଣିନେଇ ବସ୍‌ଷ୍ଟାଣ୍ଡଠାରୁ ପ୍ରାୟ ୨୦୦ ମିଟର ଦୂରରେ ରାସ୍ତା କଡ଼ରେ ଫିଙ୍ଗି ଦେଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ତୁରିଗଡ଼ିଆ ବଜାରରେ ଥିବା ଇଣ୍ଡିଆ ୱାନ୍ ଏଟିଏମକୁ ଟାର୍ଗେଟ କରି ଦୁର୍ବୃତ୍ତମାନେ ଲୁଟ୍ କରିଥିଲେ। ପରେ ମେସିନ୍‌କୁ ଗାଡ଼ିରେ ଟାଣିନେଇ ରାସ୍ତା ପାର୍ଶ୍ୱରେ ଛାଡ଼ି ଚମ୍ପଟ ମାରିଥିଲେ। ଏଟିଏମରୁ କେତେ ପରିମାଣର ନଗଦ ଟଙ୍କା ଲୁଟ୍ ହୋଇଛି, ସେନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।ଏହି ସମଗ୍ର ଘଟଣା ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ଜଣାପଡ଼ିଛି। ଖବର ପାଇ ଖଇରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍‌ର ସହାୟତାରେ ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜ୍ ଆଧାରରେ ଦୁର୍ବୃତ୍ତଙ୍କ ପରିଚୟ ଚିହ୍ନଟ କରିବା ସହ ସେମାନଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ତଲାସି ଜାରି ରଖିଛି।ଦିନକୁ ଦିନ ଏଭଳି ଏଟିଏମ ଲୁଟ୍ ଘଟଣା ବଢୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଚିନ୍ତା ପ୍ରକାଶ ପାଇଛି।

ବିଶ୍ୱ ଜନ ସଂଖ୍ୟା ଦିବସରେ ରାଜ୍ୟରୁ ଜିଲ୍ଲା ସମ୍ବର୍ଦ୍ଧିତ

କେନ୍ଦ୍ରାପଡା,୧୨।୭ : ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ଦ୍ୱାରା ଆୟୋଜିତ ' ବିଶ୍ୱ ଜନ ସଂଖ୍ୟା ଦିବସ- ୨୦୨୬' ଭୁବନେଶ୍ୱର ସ୍ଥିତ କୃଷି ଭବନ ଠାରେ ଆୟୋଜିତ ହୋଇଥିଲା। ଏହି ଦିବସରେ ରାଜ୍ୟ ସ୍ତରରେ କେନ୍ଦ୍ରାପଡା ଜିଲ୍ଲା ପରିବାର ନିଯୋଜନ କାର୍ଯକ୍ରମରେ ତୃତୀୟ ସ୍ଥାନରେ ଥିବାରୁ ଜିଲ୍ଲାକୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ରାଜ୍ୟ ସରକାରଙ୍କ ସଚିବ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗଙ୍କ ତତ୍ତ୍ୱାବଧାନରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ର ନିର୍ଦ୍ଦେଶିକା ଡ଼. ବୃନ୍ଦା ଡି ଏବଂ ନିର୍ଦ୍ଦେଶକ ପରିବାର କଲ୍ୟାଣ ବିଭାଗ ଡ଼ ସନ୍ତୋଷ କୁମାର ପାଢ଼ୀଙ୍କ ଠାରୁ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ତଥା ନୋଡାଲ ଅଫିସର ପରିବାର କଲ୍ୟାଣ -ଡ଼. ସଚ୍ଚିଦାନନ୍ଦ ମିଶ୍ର, ଡେପୁଟୀ ମ୍ୟାନେଜର, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ - ଡ଼. ସୁକାନ୍ତ କୁମାର ପ୍ରଧାନ ଓ ଜିଲ୍ଲା ଭେକ୍ସିନ୍ ଲଜିଷ୍ଟିକ ମ୍ୟାନେଜର ଅବିନାଶ ଦାସ ଗ୍ରହଣ କରିଛନ୍ତି। ଉକ୍ତ ଉତ୍ସବରେ ନିର୍ଦ୍ଦେଶକ ପରିବାର କଲ୍ୟାଣ, ନିର୍ଦ୍ଦେଶକ- ଡ଼ ସନ୍ତୋଷ କୁମାର ପାଢ଼ୀ ଙ୍କ ସମେତ ନିର୍ଦ୍ଦେଶକ, ନର୍ସିଂ ଙ୍କ ଏବଂ ଅତିରିକ୍ତ ନିର୍ଦ୍ଦେଶକ ମାତୃ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଡ଼ ମୁରଲୀଧର ପାଢ଼ୀ, ନିର୍ଦ୍ଦେଶକ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଂସ୍ଥା ଏବଂ ରାଜ୍ୟ ର ସମସ୍ତ ଅଧିକାରୀ, ଜାତୀୟ ସ୍ୱାସ୍ଥ୍ୟ ମିଶନ ର ସମସ୍ତ ସିନିୟର୍ କନସଲଟାଣ୍ଟ , ସମସ୍ତ ଡେଭଲପମେଣ୍ଟ ପାର୍ଟନର , ସମସ୍ତ ଜିଲ୍ଲା ର ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ୨୦୨୬ ଅନୁଯାୟୀ ଆମ ଭାରତ ବର୍ଷର ଜନ ସଂଖ୍ୟା ଚାଇନା ଠାରୁ ଅଧିକ ହୋଇସାରିଛି ।

ସଦରରେ ବିକାଶ କାର୍ଯ୍ୟର ସମୀକ୍ଷା

ଦୁଇ ବର୍ଷରେ ୨ ହଜାର କୋଟି ଟଙ୍କାର ବିକାଶମୂଳକ କାର୍ଯ୍ୟ

- ବୁଦ୍ଧିଜୀବି ସମ୍ମିଳନୀରେ ସୂଚନା ଦେଲେ ବିଧାୟକ ମାନସ ଦତ୍ତ

ବାଲେଶ୍ୱର,୧୨।୭ : ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ସମ୍ପାଦିତ ବିକାଶମୂଳକ କାର୍ଯ୍ୟର ସମୀକ୍ଷା ଏବଂ ଆଗାମୀ ଯୋଜନା ସମ୍ପର୍କରେ ଏକ ବୁଦ୍ଧିଜୀବି ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି ଅବସରରେ ବିଧାୟକ ମାନସ କୁମାର ଦତ୍ତ କହିଥିଲେ ଯେ, ଗତ ଦୁଇ ବର୍ଷ ମଧ୍ୟରେ ସଦର ନିର୍ବାଚନମଣ୍ଡଳୀରେ ପ୍ରାୟ ୨ ହଜାର କୋଟି ଟଙ୍କାର ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି, ଯାହା ଏହି ଅଞ୍ଚଳ ପାଇଁ ଏକ ଐତିହାସିକ ସଫଳତା।ସେ କହିଥିଲେ ଯେ, ସଡ଼କ, ସେତୁ, ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ପର୍ଯ୍ୟଟନ, ମତ୍ସ୍ୟଚାଷ, କ୍ରୀଡ଼ା ଓ ସହରୀ ଭିତ୍ତିଭୂମିର ବିକାଶକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି। ଗ୍ରାମାଞ୍ଚଳର ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ କରିବା ପାଇଁ ୨୦୦ କୋଟି ଟଙ୍କାରୁ ଅଧିକ ବ୍ୟୟ ହୋଇଥିବା ବେଳେ ରିଂ ରୋଡ଼, ବିଭିନ୍ନ ସେତୁ, ଉପକୂଳ ସୁରକ୍ଷା ବନ୍ଧ ଓ ଡ୍ରେନେଜ୍ ବ୍ୟବସ୍ଥା ଭଳି ବହୁ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ବଳରାମଗଡ଼ିରେ ୭୫ କୋଟି ଟଙ୍କାର ଫିସିଂ ହାର୍ବର, ବାହାବଳପୁରରେ ୩୪ କୋଟି ଟଙ୍କାର ମତ୍ସ୍ୟ ଅବତରଣ କେନ୍ଦ୍ର, ଚାନ୍ଦିପୁର ଓ କଷାଫଳ ବେଳାଭୂମିର ପର୍ଯ୍ୟଟନ ବିକାଶ, ୩୪୦ କୋଟି ଟଙ୍କାର ଜୁଡିସିଆଲ ହବ୍, ୫୦ କୋଟି ଟଙ୍କାର ଇଡକୋ ଟାୱାର, ୧୨୨ କୋଟି ଟଙ୍କାର ପାନୀୟ ଜଳ ପ୍ରକଳ୍ପ, ରିଭର ସାଇଡ୍ ପାର୍କ, ମଲ୍ଟି କମ୍ପ୍ଲେକ୍ସ, ଗୋଶାଳା ଓ ଇଭି ଚାର୍ଜିଂ ଷ୍ଟେସନ ଭଳି ଅନେକ ପ୍ରକଳ୍ପର ସୂଚନା ମଧ୍ୟ ବିଧାୟକ ପ୍ରଦାନ କରିଥିଲେ। ସାମାଜିକ ସୁରକ୍ଷା କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ସଫଳତା ହାସଲ ହୋଇଥିବା ସେ କହିଥିଲେ। ଖାଦ୍ୟ ସୁରକ୍ଷା ଯୋଜନା, ଅନ୍ନପୂର୍ଣ୍ଣା, ସୁଭଦ୍ରା, ପିଏମ୍ କିଷାନ, ସିଏମ୍ କିଷାନ, ଅନ୍ତ୍ୟୋଦୟ ଓ ଆୟୁଷ୍ମାନ ଯୋଜନାରେ ଲକ୍ଷାଧିକ ହିତାଧିକାରୀ ଉପକୃତ ହୋଇଥିବା ବିଷୟ ସେ ଉଲ୍ଲେଖ କରିଥିଲେ।

ମୁରିବାହାଲ ବ୍ଲକରେ ବିଜେଡିର ସାଂଗଠନିକ ବୈଠକ

କଣ୍ଟାବାଞ୍ଜି,୧୨।୭ : ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମୁରିବାହାଲ ବ୍ଲକ ଅନ୍ତର୍ଗତ ଗୁରୁଣ୍ଡା ଖେଳ ପଡିଆ ଠାରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ର ବିଜୁ ଜନତା ଦଳ ର ଯୁବ ନେତା ଗିରିରାଜ ସିଂ ମାଝୀ ଙ୍କ ନେତୃତ୍ୱରେ ମୁରିବାହାଲ ବ୍ଲକ ଜିଲ୍ଲା ପରିଷଦ ଜୋନ୍ ନଂ ୨୭,୨୮,ଓ ୨୯ ର ସକ୍ରିୟ ବିଜୁ ଜନତା ଦଳ ସଦସ୍ୟ ଓ ବିଏଲ୍ଏ ଙ୍କୁ ନେଇ ଏସ.ଆଇ.ଆର୍ ଏବଂ ସୋସିଆଲ ମିଡିଆ ଓ ଦଳୀୟ ସଂଗଠନ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବିଭିନ୍ନ ପଞ୍ଚାୟତ ବଚ୍ଛା ବଚ୍ଛା କର୍ମୀ ମାନଙ୍କ ଉପସ୍ଥିତୀ ରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଜିଲ୍ଲା ବିଜୁ ଜନତା ଦଳର ସଭାପତି ସରୋଜ ମେହେର ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ବିଜେଡ଼ି ନେତ୍ରୀ ନିରୁପମା ମାଝୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ମିଥିଳା ମାଝି, ପୂର୍ବତନ ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ, ଉପାଧ୍ୟକ୍ଷା ସୁଦରମତୀ ବାଗ, ବିଜୁ ଜନତା ଦଳ ବଲାଙ୍ଗୀର ଜିଲ୍ଲା ସାଧାରଣ ସମ୍ପାଦକ ଦେବାର ବାରିକ, ବିଜେଡ଼ି ନେତ୍ରୀ ପିଙ୍କି ଖର୍ସେଲ, ବିଜେଡ଼ି ନେତା ଆଶାଦୁଲା ଖାଁ, ଧନଞ୍ଜୟ ମାହାନନ୍ଦ, ଧନେଶ୍ୱର ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ତେବେ ଆଗାମୀ ଦିନରେ ମୁରିବାହାଲ ବ୍ଲକ ଅଧ୍ୟକ୍ଷ ପଦବୀ ବିଜୁ ଜନତା ଦଳ ଦଖଲ କୁ ଆଣିବ ସେ ସମ୍ପର୍କରେ ଆଲୋଚନା କରିବା ସହ ୨୦୨୭ ପଞ୍ଚାୟତ ନିର୍ବାଚନ ରେ ଯେଉଁ ନେତୃତ୍ୱ ଦଳ ପାଇଁ ଭଲ କାମ କରିବ ୨୦୧୯ ସାଧାରଣ ନିର୍ବାଚନରେ ତା ପାଇଁ ବଡ ସୁଯୋଗ ଆସିବ ବୋଲି ସଭାରେ ବିଜେଡ଼ି ଜିଲ୍ଲା ସଭାପତି ଶ୍ରୀ ମେହେର କହିଥିଲେ। ସେହିପରି ଏସ.ଆଇ.ଆର କଣ ତାକୁ ନେଇ ବିସ୍ତୃତ ଭାବରେ ଦଳୀୟ କାର୍ଯ୍ୟକର୍ତ୍ତା କୁ ସଚେତନତା କରିବା ସହ ରାଜ୍ୟର ଡବଲ ଇଞ୍ଜିନ ସରକାର ଙ୍କ ବିଫଳ କୁ ନେଇ ଗ୍ରାମାଞ୍ଚଳ କୁ ଯାଇ ସଚେତନ କରିବା ସହ ପଞ୍ଚାୟତ ନିର୍ବାଚନ ଭଲ ପ୍ରଦର୍ଶନ କରିବା ବୋଲି ଦଳୀୟ କାର୍ଯ୍ୟକର୍ତ୍ତା କୁ ମନୋବଳ ବଢାଇଥିଲେ ବିଜେଡ଼ି ନେତା ଶ୍ରୀ ମାଝୀ। ଅନ୍ୟପକ୍ଷରେ କଣ୍ଟାବାଞ୍ଜି ବିଜୁ ଜନତା ଦଳ ନେତୃତ୍ୱ କୁ ନେଇ ଉପସ୍ଥିତ ଦଳୀୟ କର୍ମୀ ମାନେ ଜିଲ୍ଲା ସଭାପତି କୁ ଦୃଷ୍ଟି ଆକର୍ଷଣ କରିବା ସହ ନେତୃତ୍ୱ ଘୋଷଣା କରିବାକୁ ଦାବି କରିଥିଲେ। ଏହି ବୈଠକରେ ମହେଶ ପଟେଲ, ଅବିଭାଷ ବଘାର, କାମଦେବ ବେହେରା, ସବ୍ୟସାଚି ବେହେରା, ଦୁଳ ,ାଗ,ଅଗଷ୍ଟି ବାଗ,ଗେଡିପତୀ ମାହାକୁଡ,ଯୁଧିଷ୍ଠିର ଭରାସଗ୍ରିଆ,ଦୁଷ୍ମନ୍ତ ନାଗ,ଜଳନ୍ଧର ପ୍ରଧାନୀ,ଲମ୍ବୁଧର ବଗର୍ତ୍ତି,କସ୍ୟପ ସରାଫ,ପିଲାବାବୁ ସାହୁ,ଦେବରାଜ ଯାଦବ, ବିଷ୍ଣୁ ଜୁଏଡ,ଫାଲଗୁନି ହାତୀ,ସହଦେ୍ୱ ବାଗ, ରାଜେନ୍ଦ୍ର ବେହେରା,ଅକ୍ଷୟ ସାହୁ,ପୁନ୍ୟ ପୁଜାରୀ,ବାଳଦି ଚରଣ ସାହୁ, ଦୈତାରୀ ଭୋଇ,ମୁକୁନ୍ଦ ବଗର୍ତ୍ତି ସହ ମୁରିବାହାଲ ବ୍ଲକ ବିଭିନ୍ନ ପଞ୍ଚାୟତ ସହ ସହ ବିଜେଡି କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati